ଧରିତ୍ରୀ
DHARITRI
ରାୟଗଡ଼ା, ବୁଧବାର, ୧ ମେ, ୨୦୧୯




ନାମରେ ଭକ୍ତି, ଜୀବରେ ଦୟା, ନର ଜନ୍ମର ସର୍ବଶ୍ରେଷ୍ଠ କାର୍ଯ୍ୟ

- ଗୁରୁ ନାନକ



## ସଂକ୍ଷେପରେ

### ବିଲ୍ଟ ସ୍ଥିତି ସମୀକ୍ଷା କଲା ଶ୍ରମ ବିଭାଗ

ଜୟପୁର,୩୦।୪(ଡି.ଏନ୍.ଏ.): ଜୟପୁର ଶ୍ରମ ବିଭାଗ ଅଧିକାରୀମାନେ ମଙ୍ଗଳବାର ଉତ୍ପାଦନ ବନ୍ଦ ରହିଥିବା ବିଲ୍ଟ କାଗଜକଳ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଉପ ଶ୍ରମ କମିଶନର ଗୀତାଞ୍ଜଳି ପତି ଏବଂ ଜିଲା ଶ୍ରମ ଅଧିକାରୀ ପ୍ରସନ୍ନ ପାଣିଗ୍ରାହୀଙ୍କ ନେତୃତ୍ୱରେ ବିଭାଗର ଏକ ଦଳ କାଗଜକଳ ଗସ୍ତ କରିଥିଲା। ଗସ୍ତ ବେଳେ ପ୍ଲାଣ୍ଟ କାର୍ଯ୍ୟାଳୟରେ ଉପସ୍ଥିତ ଥିବା ମାନବ ସମ୍ବଳ ବିକାଶ ସହକାରୀ ମ୍ୟାନେଜରଙ୍କ ସହ ଶ୍ରମିକଙ୍କ ଦରମା ଓ ଅନ୍ୟ ସୁବିଧା, କାଗଜକଳର ଉତ୍ପାଦନ ନେଇ ଆଲୋଚନା କରିଥିଲା ଶ୍ରମ ବିଭାଗ। ପରିଚାଳନା ବିଭାଗର ଅଧିକାଂଶ ଉଚ୍ଚ ଅଧିକାରୀ ହାଇଦ୍ରାବାଦରେ ଥିବା ଯୋଗୁ ଜିଏମ କେଶବ ରାଓଙ୍କ ମାଧ୍ୟମରେ ଫୋନ୍ ଦ୍ୱାରା ସେମାନଙ୍କ ସହ ଆଲୋଚନା କରାଯାଇଥିଲା। ସେମାନେ ୨ ଦିନ ଭିତରେ ଜୟପୁର ଫେରିବା ପରେ ଏନେଇ ବିସ୍ତୃତ ଆଲୋଚନା କରିବ ଶ୍ରମ ବିଭାଗ। ଆଲୋଚନା ବେଳେ ପ୍ଲାଣ୍ଟରେ ମାନବ ସମ୍ବଳ ବିକାଶ ସହକାରୀ ମ୍ୟାନେଜର ଶକ୍ତି ପ୍ରସାଦ ମିଶ୍ର ଉପସ୍ଥିତ ଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତ ଏପ୍ରିଲ ୨୦ରୁ କଞ୍ଚାମାଲ ଅଭାବ ପାଇଁ ଏଠାରେ କାଗଜ ଉତ୍ପାଦନ ବନ୍ଦ ରହିଛି। ଗତ ଫେବୃୟାରୀରୁ ୪୬୨ ଜଣ ସ୍ଥାୟୀ କର୍ମଚାରୀଙ୍କୁ କାରଖାନା କର୍ତ୍ତୃପକ୍ଷ ୩ ମାସର ଦରମା ଦେଇନାହାନ୍ତି। ଅନ୍ୟପକ୍ଷରେ କର୍ତ୍ତୃପକ୍ଷ ବିନା ନୋଟିସରେ ଉତ୍ପାଦନ ବନ୍ଦ କରିଥିବା ଅଭିଯୋଗ କରି ମିଳିତ କର୍ମଚାରୀ ସଂଘ ଗତ ଶନିବାର ଜିଲାପାଳଙ୍କୁ ଭେଟି ସ୍ମାରକପତ୍ର ଦେଇଥିଲା।

### ଲୁଟ୍‌ରେ ସମ୍ପୃକ୍ତ ଯୁବକ ଅଟକ

କୋରାପୁଟ, ୩୦।୪(ସ୍ୱ.ପ୍ର.): କୋରାପୁଟ ସଦର ଥାନା ଅନ୍ତର୍ଗତ ମୁସୁରିଗୁଡ଼ା ଗ୍ରାମ ନିକଟରେ କିଛି ଦିନ ତଳେ ଏକ ଲୁଟ୍ ଘଟଣାରେ ସମ୍ପୃକ୍ତ ଥିବା ଜଣେ ଯୁବକଙ୍କୁ ମଙ୍ଗଳବାର ସଦର ଥାନା ପୋଲିସ ଧରିବାରେ ସମର୍ଥ ହୋଇଛି। ଗତ ୧୫ ତାରିଖ ରାତି ୧୧ଟା ସମୟରେ କୋରାପୁଟ ମେଡିକାଲରେ ଚିକିତ୍ସିତ ହେଉଥିବା ସ୍ତ୍ରୀଙ୍କ ଚିକିତ୍ସା ପାଇଁ ୧୫ ହଜାର ଟଙ୍କା ଧରି ଜଣେ ବ୍ୟକ୍ତି କୋରାପୁଟ ଯାଉଥିଲେ। ଏହି ସମୟରେ କୋରାପୁଟ ବ୍ଲକର ମସୁରିଆଗୁଡ଼ା ଗ୍ରାମ ନିକଟରେ ୪ ଜଣ ଯୁବକ ତାଙ୍କୁ ମାଡ଼ ମାରିବା ସହ ୧୫ ହଜାର ଟଙ୍କା ଓ ମୋବାଇଲ ଲୁଟି ନେଇଥିଲେ। ଏନେଇ ସଦର ଥାନାରେ ଏତଲା ହେବା ପରେ ଥାନାରେ ୩୬/୨୦୧୯ରେ ଧାରା ୩୯୫ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ଅଧିକ ତଦନ୍ତ ଚାଲିଥିଲା। ମଙ୍ଗଳବାର ଏହି ଘଟଣାରେ ସମ୍ପୃକ୍ତ ଥିବା କୋରାପୁଟ ଝଡିଗୁଡ଼ା ଗ୍ରାମର ବିରି ଖିଲ୍ଲଙ୍କୁ ପୋଲିସ ଧରିଥିବାବେଳେ ତାଙ୍କୁ ଥାନାରେ ଅଟକ ରଖି ଜେରା କରୁଥିବା ସଦର ଥାନା ଅଧିକାରୀ ସମର୍ପିତା ସ୍ୱାଇଁ ସୂଚନା ଦେଇଛନ୍ତି। ଏହି ଘଟଣାରେ ଜଡ଼ିତ ଅନ୍ୟ ୩ ଜଣଙ୍କୁ ଖୋଜିବା ପାଇଁ ପୋଲିସ ଚେଷ୍ଟା ଚଳାଇଛି।

### ବିଦାୟ ସମ୍ବର୍ଦ୍ଧନା ସଭା

ଜୟପୁର,୩୦।୪(ନି.ପ୍ର.): ଜୟପୁର ସରକାରୀ ମହିଳା ମହାବିଦ୍ୟାଳୟରେ ମଙ୍ଗଳବାର ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। କଲେଜର ଲାଇବ୍ରେରିଆନ ଜ୍ୟୋତ୍ସ୍ନାରାଣୀ ସାମଲଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। କଲେଜ ଅଧକ୍ଷା ମନୋରମା ଦେବୀଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ପ୍ରଫେସର ଶିବ ପ୍ରସାଦ ଜେନା ସ୍ୱାଗତ ଭାଷଣ ଦେଇଥିଲେ। କଲେଜର ଅନ୍ୟ କର୍ମଚାରୀ ଜ୍ୟୋତ୍ସ୍ନାରାଣୀଙ୍କ ଚାକିରି ଜୀବନର ସ୍ମୃତି ବଖାଣିଥିଲେ।

# ଫନୀ ମୁକାବିଲା ପାଇଁ ପ୍ରସ୍ତୁତ ପ୍ରଶାସନ

- ହାତକୁ ନିଆଗଲା ସବୁ ପ୍ରକାର ପ୍ରାକ୍ ସତର୍କତା ଓ ପ୍ରସ୍ତୁତି

କୋରାପୁଟ,୩୦।୪(ସ୍ୱ.ପ୍ର.)

ଘୂର୍ଣ୍ଣିଝଡ ଫନୀର ମୁକାବିଲା ପାଇଁ କୋରାପୁଟ ଜିଲା ପ୍ରଶାସନ ମଙ୍ଗଳବାର ଅପରାହ୍ନରେ ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଏକ ପ୍ରସ୍ତୁତି ବୈଠକ କରିଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ପ୍ରଶାସନ ପକ୍ଷରୁ ସବୁ ପ୍ରକାର ସର୍ତକତା ହାତକୁ ନିଆଯିବା ସହ ବିଭିନ୍ନ ଅଧିକାରୀଙ୍କୁ ଦାୟିତ୍ୱ ବଣ୍ଟାଯାଇଛି। ଜିଲାର ୧୪ଟି ବ୍ଲକ ଓ ୪ ପୌରାଞ୍ଚଳର ଅଧିକାରୀଙ୍କ ଛୁଟି ବାତିଲ କରାଯାଇଛି।

ଜିଲାର ଥିବା ସମସ୍ତ ବୁଡି ଅଞ୍ଚଳରେ ଯନ୍ତ୍ରଚାଳିତ ଡଙ୍ଗା ତଥା ଲଞ୍ଚ ପ୍ରସ୍ତୁତ ରଖିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ସମସ୍ତ ବାତ୍ୟା ଆଶ୍ରୟସ୍ଥଳୀ ତଦାରଖ କରିବା ସହିତ ସେଠାରେ ଆବଶ୍ୟକ ପରିମାଣରେ ଶୁଖିଲା ଖାଦ୍ୟ, ଓଆରଏସ୍ ପ୍ୟାକେଟ୍ ମହଜୁଦ୍ ରଖିବା, ରନ୍ଧା ଖାଦ୍ୟ ପାଇଁ ଆବଶ୍ୟକ ସାମଗ୍ରୀ ଗଚ୍ଛିତ ରଖିବା ପାଇଁ ଜିଲାପାଳ ସମସ୍ତ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଓଆରଏସ୍ ପ୍ୟାକେଟ୍, ଶିଶୁ ଖାଦ୍ୟ ଓ ଔଷଧ ମହଜୁଦ କରାଯିବା ପାଇଁ ଜିଲା ପ୍ରଶାସନ ନିର୍ଦ୍ଦେଶ ଦେଇଛି। ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳରେ ଥଇଥାନ, ପ୍ରସୂତିଙ୍କୁ ଆଗୁଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବା, ସମସ୍ତ ପଞ୍ଚାୟତରେ ଥିବା ବିଦ୍ୟାଳୟରେ ରନ୍ଧା ଖାଦ୍ୟ ପ୍ରସ୍ତୁତ କରିବା ପାଇଁ ପଞ୍ଚାୟତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମହମ୍ମଦ ଅବଦୁଲ, ଡୁଡାର ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ, କୋରାପୁଟ ଆଇଟିଡିଏ ପିଏ କାରୁ ସୋରେନ, କୋରାପୁଟ ଉପଜିଲାପାଳ ଲଳିତ କୁମାର କହଁର, ଜୟପୁର ଉପଜିଲାପାଳ, ଏଡିଏମ୍‌ଓ ଡାକ୍ତର ଅରୁଣ କୁମାର ପାଢ଼ୀ, ଜିଲା ଜରୁରୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ଉପସ୍ଥିତ ଥିଲେ।



ପ୍ରସ୍ତୁତି ବୈଠକରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ସହ ଅନ୍ୟ ଅଧିକାରୀମାନେ।

# ପିକ୍‌ଅପ୍-ବାଇକ୍ ଧକ୍କା, ଯୁବକ ମୃତ

- କ୍ଷତିପୂରଣ ଦାବିରେ ରାସ୍ତା ରୋକିଲେ ସ୍ଥାନୀୟ ଲୋକେ

ଜୟପୁର,୩୦।୪(ନି.ପ୍ର.)

ଜୟପୁର ଦେଇ ଯାଇଥିବା ରାଞ୍ଚି-ବିଜୟୱାଡ଼ା ଜାତୀୟ ରାଜପଥର ଟାଙ୍କୁଆ ପଞ୍ଚାୟତ ଅନ୍ତର୍ଗତ ବାଗ୍ରା ଛକ ନିକଟରେ ପିକଅପ୍ ସହ ବାଇକ ମୁହାଁମୁହିଁ ହୋଇଛି। ଏଥିରେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ବାଇକ୍ ପଛରେ ବସିଥିବା ଅନ୍ୟ ଜଣେ ଆରୋହୀ ଆହତ ହୋଇଛନ୍ତି। ମୃତ ଯୁବକ ହେଲେ ଜୟପୁର ସଦର ଥାନା ଅନ୍ତର୍ଗତ ଆମ୍ବକାଟୁଗୁଡ଼ାର ରାମଚନ୍ଦ୍ର ଭୂମିଆ (୨୫) ଓ ଗୁରୁତର ହେଲେ ରବି ବଡ଼ନାୟକ (୧୮)।

ସୂଚନା ଅନୁଯାୟୀ, ପିକଅପ୍ (ଓଡି୧୦ ୧୪୦୪) ବୈପାରିଗୁଡ଼ା ଯାଉଥିବା ବେଳେ ବାଇକ୍ ଜୟପୁର ଆସୁଥିଲା। ବାଗ୍ରା ଛକ ନିକଟରେ ଉଭୟ ଗାଡ଼ି ମୁହାଁମୁହିଁ ହୋଇଥିଲା। ଏଥିରେ ବାଇକ ଚାଳକଙ୍କ ମୃତ୍ୟୁ ହେବାରୁ ତାଙ୍କ ପରିବାରକୁ ନ୍ୟାୟ ମିଳିବା ଦାବିରେ ରାସ୍ତା ଅବରୋଧ କରିଥିଲେ ସ୍ଥାନୀୟ ଲୋକେ। ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅବରୋଧକାରୀଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ଆହତ ରବିଙ୍କୁ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ମୃତ ରାମଚନ୍ଦ୍ର କୁଲି ଭୁତି କରି ଗୁଜୁରାଣ ମେଣ୍ଟାଉଥିବା ବେଳେ ସ୍ତ୍ରୀ ୩ ମାସର ଗର୍ଭବତୀ ରହିଛନ୍ତି।

# ଏସିଆ କରାଟେରେ ସୁନାବେଡ଼ାର ୩ ଝିଅ

ସେମିଳିଗୁଡ଼ା,୩୦।୪(ସ୍ୱ.ପ୍ର.)

ବିଶ୍ୱ କରାଟେ ମହାସଂଘ ଦ୍ୱାରା ଆୟୋଜିତ ହେବାକୁ ଥିବା ୧୮ତମ ଏସିଆ କରାଟେ ପ୍ରତିଯୋଗିତା ପାଇଁ ମାଲେସିଆ ଗସ୍ତ କରିଛନ୍ତି ସୁନାବେଡ଼ାର ୩ ଝିଅ। ସୁନାବେଡ଼ା ସ୍ଥିତ ଉତ୍କଳ କରାଟେ ସ୍କୁଲର ଛାତ୍ରୀ ଆଦ୍ୟାଶା ସାମନ୍ତରାୟ, ଶରଣ୍ୟା ରାୟ, ତେଜସ୍ୱୀ ମହାପାତ୍ର ଗୌହାଟିରେ ଅନୁଷ୍ଠିତ ଜାତୀୟ କରାଟେ ଚାମ୍ପିୟନଶିପ୍‌ରେ ସଫଳ ପ୍ରଦର୍ଶନ କରି ଏସିଆ କରାଟେ ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିବା ପାଇଁ ମନୋନୀତ ହୋଇଛନ୍ତି। ସେମାନେ କନିଷ୍ଠ ଓ ୨୧ ବର୍ଷରୁ କମ୍ ବର୍ଗରେ ଭାଗନେବେ। ଏହି ୩ ଜଣ ଛାତ୍ରୀ ଓଡ଼ିଶା ରାଜ୍ୟ କରାଟେ ସଂଘର ସମ୍ପାଦକ ଡ. ସିହାନ ହରିପ୍ରସାଦଙ୍କ ତତ୍ତ୍ୱାବଧାନରେ ମାଲେସିଆ ଗସ୍ତ କରିଥିବା କୋଚ୍ ମହେଶ ବରାଳ ସୂଚନା ଦେଇଛନ୍ତି।




କୋଚଙ୍କ ସହ ୩ କରାଟେ ଖେଳାଳି।

# ଲାଞ୍ଚ ମାଗୁଛନ୍ତି ଏଫ୍‌ସିଆଇ ଅଧିକାରୀ

- ଡିଏଲ୍‌ପିସି ବୈଠକରେ ଉଠିଲା ଅଭିଯୋଗ

ଜୟପୁର,୩୦।୪(ଡି.ଏନ୍.ଏ.)

ଜିଲାରୁ ଧାନ ଗ୍ରହଣ କରିଥିବା ମିଲ ମାଲିକ କଷ୍ଟମ ମିଲିଂ ପାଇଁ ଜୟପୁରସ୍ଥିତ ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ)କୁ ଚାଉଳ ଦେଇଥାନ୍ତି। କିନ୍ତୁ ଏଥିପାଇଁ ଏଫ୍‌ସିଆଇର କେତେକ ଅଧିକାରୀ ଓ କର୍ମଚାରୀ ଟଙ୍କା ମାଗୁଥିବା ନେଇ ମଙ୍ଗଳବାର କୋରାପୁଟରେ ଜିଲାସ୍ତରୀୟ ଉତ୍ପାଦନ କମିଟି (ଡିଏଲପିସି) ବୈଠକରେ ଉପସ୍ଥିତ ମିଲ ମାଲିକମାନେ ଅଭିଯୋଗ କରିଛନ୍ତି। କିଏ ଲାଞ୍ଚ ଟଙ୍କା ଗ୍ରହଣ କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ। ଏଫସିଆଇରେ ରହିଥିବା କେତେକ ମଧ୍ୟସ୍ଥ ତଥା ଦଲାଲଙ୍କ ଜରିଆରେ ଏହି ଟଙ୍କା ଗ୍ରହଣ କରାଯାଉଥିବା ମିଲ୍ ମାଲିକମାନେ ଜଣାଇଛନ୍ତି। ଉକ୍ତ ଦଲାଲଙ୍କ ନାମ ପ୍ରକାଶ କଲେ ସେମାନଙ୍କୁ ଗିରଫ କରାଯିବ ବୋଲି ଜିଲାପାଳ କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତ ସପ୍ତାହରେ ଭିଜିଲାନ୍ସ ବିଭାଗ ଗୋଦାମରେ ଚଢ଼ାଉ କରି ଗଚ୍ଛିତ ଚାଉଳ ଯାଞ୍ଚ କରିବା ବେଳେ ସେଥିରେ କିଛି ନିମ୍ନମାନର ଚାଉଳ ରହିଥିବା ଜଣାପଡ଼ିଥିଲା। ଏନେଇ ଜଣେ ମାନ ଯାଞ୍ଚ କରୁଥିବା ଅଧିକାରୀଙ୍କୁ ନିଲମ୍ବିତ କରାଯାଇଥିଲେ। ଅନ୍ୟପକ୍ଷରେ ଆସନ୍ତା ରବିଧାନ କ୍ରୟ ବେଳେ କୋରାପୁଟ ଜିଲାର ମିଲ ମାଲିକ ଭାଗ ନ ନେବା ପାଇଁ ନିଷ୍ପତ୍ତି ନେଇଛନ୍ତି।

### ବାଇକ୍ ଦୁର୍ଘଟଣା: ୨ ଆହତ, ଜଣେ ଗୁରୁତର

ଦଶମନ୍ତପୁର,୩୦।୪(ଡି.ଏନ୍.ଏ.)

ଦଶମନ୍ତପୁର ବ୍ଲକ ଚିକାମ୍ବ ପଞ୍ଚାୟତର ଧର୍ମଗୁଡ଼ା ଛକ ନିକଟରେ ବାଇକ୍ ଦୁର୍ଘଟଣାରେ ୨ ଜଣ ଆହତ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ଚିକାମ୍ବ ପଞ୍ଚାୟତ ଡକାମରା ଗ୍ରାମରୁ ଝୁନିତା କାତ୍ରାଆ (୧୩) ଓ ତାଙ୍କ ସାନ ଭଉଣୀ ଯସ୍ମିନ କାତ୍ରାଆ ମୁର୍କାର ପଞ୍ଚାୟତର ଗାଦିଖାଲକୁ ଚାଲିଚାଲି ଯାଉଥିବା ବେଳେ ପଛପଟୁ ଏକ ବାଇକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଦୁଇ ଭଉଣୀ ସେଠାରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିରହିଥିଲେ। ସେହିପରି ବାଇକ୍‌ରେ ଚାଳକଙ୍କ ସହ ଥିବା ଜଣେ ମହିଳା ମଧ୍ୟ ଛିଟ୍‌କି ପଡ଼ି ଆହତ ହୋଇଥିଲେ। ତାଙ୍କର ଆଖି, ମୁଣ୍ଡରେ ଜୋର୍ ଆଘାତ ଲାଗିଥିଲା। ଦୁର୍ଘଟଣା ପରେ ବାଇକ ଚାଳକ ଫେରାର ହୋଇଯାଇଥିଲେ। ବଡ଼ବାଗ୍ରୀ ଗ୍ରାମର ସାମାଜିକ କର୍ମୀ କାମଦେବ ସାଗର ଆହତମାନଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଗୁରୁତର ଥିବା ମହିଳା ଜଣଙ୍କୁ ଜିଲା ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନାନ୍ତର କରାଯିବ। ସେହି ମହିଳାଙ୍କ ଅନୁସାରେ ଦୁର୍ଘଟଣା ଘଟାଇଥିବା ବାଇକ୍ ଚାଳକ ହେଲେ ଦଶମନ୍ତପୁର ପଞ୍ଚାୟତ ଗଉଡ଼କାନ୍ତି ଗ୍ରାମର ଚୈତନ୍ୟ କମାର।



ଆଦିବାସୀ ଜାଗର ସଂଘ ପକ୍ଷରୁ ବାଦ୍ୟ ନୃତ୍ୟର ତାଳେ ତାଳେ ବାହାରିଥିବା ଶୋଭାଯାତ୍ରା।

# ଆଦିବାସୀ ଜାଗରଣ ସଂଘର ଚଇତି ଭେଟ୍‌ଘାଟ୍

ବୋରିଗୁମ୍ମା,୩୦।୪(ଡି.ଏନ୍.ଏ.)

ବୋରିଗୁମ୍ମା ବ୍ଲକ ଆଦିବାସୀ ଜାଗରଣ ସଂଘ ପକ୍ଷରୁ ଚଳିତ ବର୍ଷ ମଙ୍ଗଳବାର ଚଇତି ପରବ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସଂଘର ଶତାଧିକ ମହିଳା ପୁରୁଷଙ୍କୁ ନେଇ ବିଶାଳ ଶୋଭାଯାତ୍ରା ବାହାରିଥିଲା। ଜଙ୍ଗଲ ଜମିପଟ୍ଟା ପ୍ରଦାନ, ୧୯୫୭ ଆଇନ କଡ଼ାକଡ଼ି ପାଳନ, ଆଦିବାସୀଙ୍କ ପାଇଁ ରାଜ୍ୟସ୍ତରୀୟ ନିଯୁକ୍ତି ଉଚ୍ଛେଦ କରି ଜିଲାଭିତ୍ତିକ ନିଯୁକ୍ତି ପ୍ରଦାନ, ବୋରିଗୁମ୍ମାଠାରେ ଶୀତଳଭଣ୍ଡାର ପ୍ରତିଷ୍ଠା, ପଞ୍ଚାୟତ ସମିତି ବୈଠକକୁ ଗୁରୁତ୍ୱ ପ୍ରଦାନ, ଆଦିବାସୀ ଲୋକ ପ୍ରତିନିଧିଙ୍କୁ ଉଚିତ୍ ସମ୍ମାନ, ଦେଶୀମଦ ଭାଟି ବନ୍ଦ, ଚୈତ୍ର ପୂର୍ଣ୍ଣିମାକୁ ସରକାରୀ ଛୁଟି ମାନ୍ୟତା ଭଳି ଗୁରୁତ୍ୱପୂର୍ଣ୍ଣ ଦାବି ନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାରଙ୍କୁ ସଂଘ ପକ୍ଷରୁ ଦାବି ପ୍ରଦାନ କରାଯାଇଥିଲା। ଦାବିପତ୍ର ଦେବା ପାଇଁ ସଂଘ ଶୋଭାଯାତ୍ରାରେ ଯାଇ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିବା ବେଳେ କୌଣସି ଅଧିକାରୀ ଉପସ୍ଥିତ ନ ଥିବା ଯୋଗୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ପରେ ସ୍ଥାନୀୟ କାଠ ଅଫିସ କାର୍ଯ୍ୟାଳୟ ପରିସରରେ ସଂଘ ପକ୍ଷରୁ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ବ୍ଲକ ସଂଘ ସଭାପତି ସତ୍ୟନାରାୟଣ ନାୟକଙ୍କ ନେତୃତ୍ୱରେ ଜିଲା ଆଦିବାସୀ ବିକାଶ ପରିଷଦ ଅଧ୍ୟକ୍ଷ କମଳୁ ଜାନୀ, ସଂଘର ବରିଷ୍ଠ କର୍ମକର୍ତ୍ତା ଧନପତି ନାୟକ, ରାମ ଜାନୀ, କମଳଲୋଚନ ପୂଜାରୀ, ପତି କିର୍ସାନିଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ ଆସିଥିବା ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ।

# ଜୁନ୍ ୧୦ ଯାଏ କାର୍ଯ୍ୟବନ୍ଦ

- ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ

କୋରାପୁଟ,୩୦।୪(ସ୍ୱ.ପ୍ର.)

ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ପାଇଁ ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଅବଧି ପୁଣି ବଢ଼ିଛି। ଜୁନ ୧୦ ପର୍ଯ୍ୟନ୍ତ କୋର୍ଟ କାର୍ଯ୍ୟରୁ ବିରତ ରହିବେ ଆଇନଜୀବୀ। ମଙ୍ଗଳବାର ସ୍ଥାନୀୟ ଆଇନଜୀବୀଙ୍କ ସଂଘର ସଭାଗୃହରେ ଅନୁଷ୍ଠିତ ଅବିଭକ୍ତ କୋରାପୁଟ ଜିଲା କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ସାଧାରଣ ବୈଠକରେ ଏହି ନିଷ୍ପତ୍ତି ହୋଇଛି। କମିଟି ଅଧ୍ୟକ୍ଷ ବିରେଶ ପଟ୍ଟନାୟକ ମଙ୍ଗଳବାର ଜୟପୁର ଓକିଲ ସଂଘର ନବ ନିର୍ବାଚିତ ସଭାପତି ସରୋଜ ଦାସଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ବୈଠକରେ କୋରାପୁଟ, ଜୟପୁର, କୋଟପାଡ଼, ସେମିଳିଗୁଡ଼ା, ନବରଙ୍ଗପୁର, ଉମରକୋଟ ଓକିଲ ସଂଘର ପ୍ରତିନିଧି ଉପସ୍ଥିତ ଥିଲେ। ଆଇନଜୀବୀ ଚିତ୍ତରଞ୍ଜନ ଶତପଥୀ, ଦାଶରଥୀ ପଟ୍ଟନାୟକ, ପ୍ରଶାନ୍ତ ତ୍ରିପାଠୀ, ଗୁପ୍ତେଶ୍ୱର ପାଣିଗ୍ରାହୀ, ସୁଦର୍ଶନ ଗୌଡ଼, ନୃସିଂହ ତ୍ରିପାଠୀ, ମଣି ପଟ୍ଟନାୟକ, ସୁବାସ ପଣ୍ଡା, ପିଭିଏସ୍ ନାନାଜି ଆଚାରି, ସାନନ୍ଦ ମିଶ୍ର ଉପସ୍ଥିତ ଥିଲେ। ସର୍ବସମ୍ମତି ନିଷ୍ପତ୍ତି ଅନୁଯାୟୀ, ଆଇନଜୀବୀମାନେ ଜରୁରିକାଳୀନ ଭାବେ ଜାମିନ ଆବେଦନ କରିପାରିବେ। ଦେୱାନୀ ମାମଲାରେ ଆବେଦନ କରିପାରିବେ। କିନ୍ତୁ ଜାମିନ ମାମଲା ବ୍ୟତିରେକ ଅନ୍ୟ କୌଣସି ମାମଲା ଶୁଣାଣିରେ ଭାଗନେବେ ନାହିଁ। ଜୁନ ୧୦ରେ ପୁଣି ଥରେ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ବୈଠକ ବସି ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ବୈଠକର ଆବାହକ ଶରତ ମାଝି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କୋରାପୁଟ ଆଇନଜୀବୀ ସଂଘର ସଂପାଦକ ସୁନିଲ ଜେନା, କିଶୋର ପଟ୍ଟନାୟକ, ନମିତା ମହାନ୍ତି, ମନୋରଞ୍ଜନ ରାଉତରାୟ, ସୁଜାତା ପାଣିଗ୍ରାହୀ, ମିଟୁ ଜେନା, ସରୋଜ ପଟ୍ଟନାୟକ ଉପସ୍ଥିତ ଥିଲେ।



ଆଇନଜୀବୀ ବୈଠକରେ ମଞ୍ଚାସୀନ କର୍ମକର୍ତ୍ତା।

# କୃଷିଋଣ ଆଳରେ ବ୍ୟାଙ୍କ ଦେଉନି ମଜୁରି ଟଙ୍କା

ଜୟପୁର,୩୦।୪(ଡି.ଏନ୍.ଏ.)

**ଅଭିଯୋଗ କଲେ ଶ୍ରମିକ**



ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଏନ୍‌ଆର୍‌ଇଜିଏସ୍) ରେ ମଜୁରୀ ଟଙ୍କା ବାବଦକୁ ଜମା ହୋଇଥିବା ରାଶି ବ୍ୟାଙ୍କଠାରୁ ପାଇପାରୁ ନାହାନ୍ତି ଜଣେ ଶ୍ରମିକ। ତାଙ୍କର କୃଷିଋଣ ରହିଥିବା ଦର୍ଶାଇ ବ୍ୟାଙ୍କ କର୍ତ୍ତୃପକ୍ଷ ମଙ୍ଗଳବାର ତାଙ୍କୁ ଫେରାଇ ଦେଇଥିବା ଅଭିଯୋଗ ହୋଇଛି।

ଜୟପୁର ବ୍ଲକ ବାଲିଆ ପଞ୍ଚାୟତ ପଲକାପୁଟ ଗ୍ରାମର ଶ୍ରମିକ ଭଗବାନ ଅନକା ସ୍ଥାନୀୟ କୁନ୍ତରଖାଲ ଗ୍ରାମରେ ଏକ ପୋଖରୀ କାର୍ଯ୍ୟରେ ସମୁଦାୟ ୧୨ ଦିନ କାମ କରିଥିଲେ। ଗତ ୧୦ ତାରିଖ ଦୈନିକ ୧୮୨ ଟଙ୍କା ମଜୁରି ବାବଦକୁ ଦୁଇଟି ପର୍ଯ୍ୟାୟରେ ମୋଟ ୨୧୮୪ ଟଙ୍କା ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟଶାଖାରେ ଥିବା ତାଙ୍କ ଖାତାରେ ଜମା ହୋଇଛି। ଜମାଖାତାରୁ ସେହି ଟଙ୍କା ଉଠାଇବା ପାଇଁ ମଙ୍ଗଳବାର ଭଗବାନ ବ୍ୟାଙ୍କରେ ପହଞ୍ଚିଥିଲେ। କିନ୍ତୁ ଦାୟିତ୍ୱରେ ରହିଥିବା ବ୍ୟାଙ୍କ କର୍ମଚାରୀ ତାଙ୍କର ୧୭ ହଜାର ଟଙ୍କା ବ୍ୟାଙ୍କ ଋଣ ରହିଥିବା ଦର୍ଶାଇ ଟଙ୍କା ଉଠାଇପାରିବ ନାହିଁ କହି ଫେରାଇ ଦେଇଥିଲେ। ଭଗବାନ ବ୍ୟାଙ୍କ କର୍ମଚାରୀଙ୍କୁ ଏହି କଥା ଲିଖିତ ଭାବେ ଦେବାକୁ କହିଥିଲେ। କିନ୍ତୁ ବ୍ୟାଙ୍କ କର୍ମଚାରୀ ତାହା କରିବାକୁ ମନା କରିବା ସହ ପଞ୍ଚାୟତ କିମ୍ବା ବ୍ଲକ ଅଧିକାରୀଙ୍କୁ ଯୋଗାଯୋଗ କରିବା ପାଇଁ କହି ଫେରାଇ ଦେଇଥିଲେ। କୃଷିଋଣ କିମ୍ବା ଅନ୍ୟ ବାବଦରେ କାଳିଆ ଯୋଜନା ଓ ଏମ୍‌ଜିଏନ୍‌ଆରଇଜିଏସ୍‌ର ଟଙ୍କା ବ୍ୟାଙ୍କରେ ପେଣ୍ଡିଂ ରଖାଯାଉ ନ ଥିବା ଭଗବାନ କହିଛନ୍ତି। ଏନେଇ ବାଲିଆ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସନାତନ ପଣ୍ଡାଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ, ଏହିପରି ଶ୍ରମିକଙ୍କ ମଜୁରି ଟଙ୍କା ରଖିବା ନିୟମ ନାହିଁ। ସମସ୍ୟା କ'ଣ ହୋଇଛି, ସେନେଇ ବ୍ୟାଙ୍କ କର୍ମଚାରୀଙ୍କ ସହିତ ଆଲୋଚନା ପରେ ଜଣାପଡ଼ିବ।

# ପୁରୁଣା ଜିମ୍ନାସିୟମ ଏବେ ଖାଁ ଖାଁ

କୋରାପୁଟ,୩୦।୪(ସ୍ୱ.ପ୍ର.)

ସୋମବାର ଅପରାହ୍ନରେ କାଳବୈଶାଖୀର ୫୦ ମିନିଟ କୋରାପୁଟ ସହରକୁ ଏକପ୍ରକାର ଛିନଛତ୍ର କରିଦେଇଛି। ୧୮ ଘଣ୍ଟା ପରେ ସହରରେ ବିଦ୍ୟୁତ ସେବା ସ୍ୱାଭାବିକ ହୋଇଛି। ବିଦ୍ୟୁତ ବିଭାଗ କର୍ମଚାରୀ ସୋମବାର ରାତିରେ ଲାଇଟ ଲଗାଇ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା ଦ୍ୱାରା ମଙ୍ଗଳବାର ସକାଳ ୮ଟାରେ ସହରବାସୀ ସ୍ୱାଭିବକ ବିଦ୍ୟୁତ ସେବା ପାଇଛନ୍ତି। ଅନ୍ୟ କେତେକ ଅଞ୍ଚଳରେ ସେବା ସ୍ୱାଭାବିକ କରିବା ପାଇଁ ଲାଗିଛି ବିଦ୍ୟୁତ ବିଭାଗ। କାଳବୈଶାଖୀ ଯୋଗୁ ସହରର ଅମଲାକୁଟିର ରାସ୍ତାରେ ୧୯୯୦ରୁ ସ୍ଥାପିତ ତଥା ସର୍ବପୁରାତନ ଜିମ୍ନାସିୟମ ଟିଣ ଉଡ଼ିଯାଇଛି। ପ୍ରତିଦିନ ଏଠାକୁ ଆସୁଥିବା ୩ଶହରୁ ଊର୍ଦ୍ଧ୍ୱ ଯୁବକ ମଙ୍ଗଳବାର ସକାଳେ ଜିମ୍ନାସିୟମର ଏପରି ଅବସ୍ଥା ଦେଖି ମର୍ମାହତ ହୋଇଛନ୍ତି। ୩୦ ବର୍ଷତଳେ ଯୁବକମାନଙ୍କ ନିଜସ୍ୱ ଉଦ୍ୟମ ସହ ଜିଲା ପ୍ରଶାସନର ସହଯୋଗରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଏହା ଆରମ୍ଭ ହୋଇଥିଲା। ପରେ କୋରାପୁଟ ବିଧାୟକ ପାଣ୍ଠିରୁ ଦେଢଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ମଲଟିଜିମ ସ୍ଥାପନ କରାଯାଇଥିଲା। ଏହା ଏବେ ଏକପ୍ରକାର ଖାଁ ଖାଁ ଲାଗୁଛି। ଜିମ୍ନାସିୟମର ଏପରି ଅବସ୍ଥା ନେଇ ସହରର ବହୁ ଯୁବକ କୋରାପୁଟ ମ୍ୟୁନସିପାଲଟି ନିର୍ବାହୀ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମେ ୨୩ ପରେ ନିର୍ବାଚନ ଆଚରଣ ବିଧି ଉଠିବା ପରେ ଏହାର ମରାମତି କରାଯିବ ବୋଲି ନିର୍ବାହୀ ଅଧିକାରୀ ଯୁବକମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।



କାଳ ବୈଶାଖୀରେ ସ୍ଥିତି ହରାଇଛି କୋରାପୁଟ ଜିମ୍ନାସିୟମ।

**କାଳବୈଶାଖୀ ପ୍ରଭାବ**

- ୧୮ ଘଣ୍ଟା ପରେ ସହରରେ ସ୍ୱାଭାବିକ ହେଲା ବିଦ୍ୟୁତ ସେବା

## ସଂକ୍ଷେପରେ

### ଝିଅକୁ ଉଦ୍ଧାର କରିବାକୁ ଏସ୍‌ଡିପିଓଠାରେ ଗୁହାରି କଲେ ମା'

କବିସୂର୍ଯ୍ୟନଗର,୩୦।୪-କବିସୂର୍ଯ୍ୟନଗର ବାଣନଇ ଗ୍ରାମର ଶାନ୍ତିଲତା ଡାକୁଆଙ୍କ ଝିଅଙ୍କୁ ଗ୍ରାମର ଜଣେ ଯୁବକ ଉଠାଇ ନେଇଥିବା ଗତ ୩ ତାରିଖରେ କବିସୂର୍ଯ୍ୟନଗର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗର ଏକମାସ ପୂରିବାକୁ ଯାଉଥିବା ବେଳେ ବର୍ତ୍ତମାନ ସୁଦ୍ଧା ପୋଲିସ ନିକଟରେ ଝିଅର କୌଣସି ଖବର ନାହିଁ। ଆଇଆଇସି ତଦନ୍ତ ନାମରେ ଦିନ ଗଡ଼ାଇ ଚାଲିଛନ୍ତି ବୋଲି ମଙ୍ଗଳବାର ପୁରୁଷୋତ୍ତମପୁର ଏସ୍‌ଡିପିଓ ନିମାଇଁ ଚରଣ ସେଠୀଙ୍କୁ ସାକ୍ଷାତ କରି ଶାନ୍ତିଲତା ଅଭିଯୋଗ କରିଛନ୍ତି। ଏସ୍‌ଡିପିଓ ସେଠୀ ତଦନ୍ତକୁ ତ୍ୱରାନ୍ୱିତ କରିବା ସହ ଦୋଷୀଙ୍କୁ ଖୁବ୍ ଶୀଘ୍ର ଧରିବେ ବୋଲି ଅଭିଯୋଗକାରିଣୀଙ୍କୁ ଆଶ୍ୱାସନା ଦେଇଛନ୍ତି। ତେବେ ତୁରନ୍ତ ଅଭିଯୁକ୍ତଙ୍କଠାରୁ ଝିଅକୁ ଉଦ୍ଧାର କରିବାକୁ ପୋଲିସ ନିକଟରେ ଅନୁରୋଧ କରିଛନ୍ତି।

ପ୍ରକାଶ ଯେ, ଶାନ୍ତିଲତାଙ୍କ ଦୁଇ ଝିଅଙ୍କ ବାହାଘର ହେବା ପରେ ତୃତୀୟ ଝିଅଙ୍କ ବାହାଘର ହଳଦିଆପଦରଠାରେ ଜଣେ ପୁଅଙ୍କ ସହ ଆସନ୍ତା ମେ ୧୧ ତାରିଖରେ ଠିକ୍ ହୋଇଥିଲା। କିନ୍ତୁ ଏକ ମାସ ତଳେ ଝିଅ ରାତି ପ୍ରାୟ ସାଢ଼େ ୯ଟାରେ ନିଜ ଘର ବାରିପଟ ଶୌଚାଳୟକୁ ଯାଇଥିଲେ। କିନ୍ତୁ ତା'ପରେ ଆଉ ଘରକୁ ଫେରି ନ ଥିବାରୁ ତାଙ୍କୁ ଗ୍ରାମର ଜଣେ ଯୁବକ ଜୋରଜବରଦସ୍ତ ଏକ ବାଇକ୍‌ରେ ଉଠାଇ ନେଇଥିବା ନେଇ ଶାନ୍ତିଲତା ଥାନାରେ ଅଭିଯୋଗ କରିଥିଲେ।

### ଅବସରକାଳୀନ ସମ୍ବର୍ଦ୍ଧନା



ଉମରକୋଟ, ୩୦।୪(ଡି.ଏନ.ଏ)- ଉମରକୋଟ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ଭି.ପ୍ରସାଦ ରାଓ ମଙ୍ଗଳବାର ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ଏକ ବିଦାୟକାଳୀନ ସଭା କରାଯାଇ ଭି. ପ୍ରସାଦଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ମ୍ୟୁନିସିପାଲିଟି ପ୍ରଶାସନ ଦାୟିତ୍ୱରେ ଥିବା ଉପଜିଲାପାଳ କରୁଣାକର ରାଇକା ତହସିଲଦାର ଧର୍ମରାଜ ମାଝିଙ୍କୁ ଉମରକୋଟ ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଦାୟିତ୍ୱ ପ୍ରଦାନ କରିଥିଲେ।

### ମହିଳାଙ୍କୁ ଆକ୍ରମଣ ଅଭିଯୋଗରେ ଜଣେ କୋର୍ଟଚାଲାଣ

ଜଗନ୍ନାଥପ୍ରସାଦ,୩୦।୪(ଡି.ଏନ.ଏ.)- ଜଗନ୍ନାଥପ୍ରସାଦ ଥାନା କୁମ୍ଭାପଡ଼ା ଗ୍ରାମ ପଞ୍ଚାୟତର ଖଇରନଟି ଗ୍ରାମରେ ଗତ ଶନିବାର ଏକ ପାରିବାରିକ ଗଣ୍ଡଗୋଳ ଘଟି ଠେଙ୍ଗା ମାଡ଼ରେ ଜଣେ ମହିଳା ଆହତ ହୋଇଛନ୍ତି। ଆହତ ଜଣକ ହେଲେ ସଞ୍ଜୁ ନାଇକ। ଏ ନେଇ ଥାନାରେ ନଂ. ୬୨/୧୯ରେ ମାମଲା ରୁଜୁ ହୋଇଛି। ମଙ୍ଗଳବାର ପୋଲିସ ଖଦାଳ ନାୟକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ସମ୍ପର୍କୀୟ ଦେଢ଼ସୁର ବୋଲି ଜଣାପଡ଼ିଛି। ସଞ୍ଜୁଙ୍କ ଲିଖିତ ଅଭିଯୋଗ ପ୍ରକାରେ, ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗତ ଶନିବାର ସକାଳ ୮ଟାରେ ଖଦାଳ ତାଙ୍କୁ ଗାଳିଗୁଲଜ କରିଥିଲେ।

■ ରବି ଋତୁ ଧାନ କିଣା ନେଇ ବୈଠକ

# ୧୫ ସୁଦ୍ଧା ଖୋଲାଯିବ ମଣ୍ଡି

ନବରଙ୍ଗପୁର,୩୦।୪(ବି.ପ୍ର.)

ରବି ଋତୁ ଧାନ କିଣା ପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇ ଯାଇଛି । ଅତିରିକ୍ତ ଜିଲାପାଳ ନିମାଇ ଚରଣ ସୂତାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପଜିଲାପାଳ କରୁଣାକର ରାଇକା, ମିଲ ମାଲିକ ସଂଘ ସଭାପତି ତାପସ ତ୍ରିପାଠୀ, ଜିଲା ଯୋଗାଣ ଅଧିକାରୀ ପ୍ରଶାନ୍ତ କୁମାର ବେବର୍ତ୍ତା, ଏସିଏସଓ ଲକ୍ଷ୍ମଣ ରାଓ, ଦୁର୍ଗା ମାଝୀ, ମନୋଜ ଦାଶ ସମେତ ୫ ଜଣ ଯୋଗାଣ ନିରିକ୍ଷକ ଯୋଗ ଦେଇଥିଲେ । ଗତ ବର୍ଷ ଏପ୍ରିଲ ଶେଷ ସୁଦ୍ଧା ୩୦୬ ଚାଷୀ ନାମ ପଞ୍ଜିକରଣ କରିଥିବାବେଳେ ୭ ହଜାର ୫ଶହ କୁଇଣ୍ଟାଲ ଧାନ କିଣାଯାଇଥିଲା । ଚଳିତ ବର୍ଷ ଅମଳ ଆରମ୍ଭ ହୋଇ ନାହିଁ । ଏଯାଏ ୯୬ ଜଣ ଚାଷୀ ନାମ ପଞ୍ଜିକରଣ କରିଛନ୍ତି । ମେ ୧୫ ସୁଦ୍ଧା ଧାନ ମଣ୍ଡି ଖୋଲାଯିବାକୁ ନିଷ୍ପତ୍ତି ହୋଇଛି । ନବରଙ୍ଗପୁର, ଉମରକୋଟ ଓ କୋଷାଗୁମୁଡା ବ୍ଲକରେ ମଣ୍ଡି ଖୋଲାଯିବ । ତେବେ କେତେ ଧାନ କିଣାଯିବ ତାହାର ଟାର୍ଗେଟ ସରକାରଙ୍କ ପକ୍ଷରୁ ଆସିନାହିଁ । ଚଳିତ ବର୍ଷ ରବି ଧାନ ଚାଷ କମ ହୋଇଥିବା କୃଷି ବିଭାଗ ପକ୍ଷରୁ ଜଣାପଡିଛି।



ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

# ଅଙ୍ଗନୱାଡି କେନ୍ଦ୍ର ଜମିକୁ ନେଇ ବିବାଦ

ନବରଙ୍ଗପୁର,୩୦।୪(ବି.ପ୍ର.)

ନବରଙ୍ଗପୁର ବ୍ଲକ ବାଘସିଉନୀ ପଞ୍ଚାୟତ ଅଧିନ ଫଟାକୋଟ ଗାଁରେ ଅଙ୍ଗନୱାଡି ଜମିକୁ ନେଇ ବିବାଦ ଲାଗି ରହିଛି । କେନ୍ଦ୍ରଟି ଆଂଶିକ ସରକାରୀ ଓ ବ୍ୟକ୍ତିଗତ ଜମିରେ ନିର୍ମାଣ ହୋଇଛି । ତେବେ ଜମି ମାଲିକ ତାଙ୍କ ଜମି ମାପିବା ପାଇଁ ବାଘସିଉନି ରାଜସ୍ୱ ନିରିକ୍ଷକଙ୍କ ନିକଟରେ ଆବେଦନ କରିଥିଲେ । ପାପଡାହାଣ୍ଡି ପୋଲିସ ଓ ବାଘସିଉନୀ ରାଜସ୍ୱ ନିରିକ୍ଷକ ସମେତ ଗ୍ରାମବାସୀଙ୍କ ଉପସ୍ଥିତିରେ ଜମି ମପାଯାଇଥିଲା । ଜମି ମପାଯିବା ପରେ ଜଣାପଡିଥିଲା ଯେ, ଅଙ୍ଗନୱାଡି କେନ୍ଦ୍ରର କିଛି ଅଂଶ କୃପାସିନ୍ଧୁ ହରିଜନଙ୍କ ନାମରେ ଥିବା ଜମିରେ ନିର୍ମାଣ ହୋଇଛି। ଗ୍ରାମବାସୀ ଉକ୍ତ ଜମି ଅଙ୍ଗନୱାଡି କେନ୍ଦ୍ରକୁ ଛାଡି ଦେବାକୁ କୃପାସିନ୍ଧୁଙ୍କୁ କହୁଛନ୍ତି । ତେବେ କୃପାସିନ୍ଧୁଙ୍କ ଜମି ନିକଟରେ ଥିବା ସରକାରୀ ଜମି ପ୍ରଶାସନ ପକ୍ଷରୁ ରେକର୍ଡ ଭୁକ୍ତ କଲେ ତାଙ୍କ ଜମି ଅଙ୍ଗନୱାଡି କେନ୍ଦ୍ର ପାଇଁ ଛାଡିଦେବେ ବୋଲି କହୁଛନ୍ତି। ଉକ୍ତ ଅଙ୍ଗନୱାଡି କେନ୍ଦ୍ର ୧୯୯୭ରେ ନିର୍ମାଣ ହୋଇଥିଲା । ବର୍ତ୍ତମାନ କେନ୍ଦ୍ରରେ ୭୨ ପିଲା ପ୍ରାକ ବିଦ୍ୟାଳୟରେ ପଢୁଛନ୍ତି । ଲାଗିରହିଥିବା ଜମି ବିବାଦର ସମାଧାନ ପାଇଁ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରି ଏହାର ଆଶୁ ସମାଧାନ ପାଇଁ ଦାବି କରାଯିବ ବୋଲି ଭଗବାନ ବିଷୋୟୀ, ୱାର୍ଡ ମେମ୍ବର ଗଣେଶ ଚନ୍ଦ୍ର ହରିଜନ, ଉମାଶଙ୍କର ନାୟକ, ମଧୁ ପାଇକ, ପଦମ ପାଇକ ଓ ନରସିଂହ କୁମ୍ଭାର ସମେତ ଗ୍ରାମବାସୀ କହିଛନ୍ତି । ଅଙ୍ଗନୱାଡି କେନ୍ଦ୍ର ସମ୍ମୁଖରେ ୪ଟି ଗଛ ରହିଛି । ଯାହାକି ବର୍ଷା ପବନରେ ପଡିଯିବ ବୋଲି ଗ୍ରାମବାସୀ ଜଙ୍ଗଲ ବିଭାଗକୁ ଲିଖିତ ଭାବେ ଜଣାଇବା ପରେ କାଟିବା ପାଇଁ ଅନୁମତି ମିଳିଛି । ଉକ୍ତ ଗଛ ଗୁଡିକୁ ୬ ହଜାର ଟଙ୍କାରେ ଅନ୍ୟ ଜଣଙ୍କୁ ବିକ୍ରି ମଧ୍ୟ କରାଯାଇଛି ।



ବୈଠକରେ ଉପସ୍ଥିତ ଗ୍ରାମବାସୀ

# ପାଇପ ଯୋଗେ ମିଳୁନି ପାଣି

ପାପଡାହାଣ୍ଡି, ୩୦।୪(ଡି.ଏନ.ଏ)

ସାହିରେ ରହିଛି ଦୁଇଟି ନଳକୂପ। ସେଥିରୁ କମ ପାଣି ବାହାରୁଛି । ପାଇପ ଯୋଗେ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଛି କିନ୍ତୁ ସାହିରେ ପହଞ୍ଚି ପାରୁନି ପାଣି। ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ପଣ୍ଡିକୋଟ ପଞ୍ଚାୟତ ଚାନ୍ଦିଲି ଗ୍ରାମର ଗଣ୍ଡାସାହିରେ ପାନୀୟ ଜଳ ସମସ୍ୟା ଦେଖା ଦେଇଛି। ଦୀର୍ଘ ଦିନ ହେଲା ଏହାର ସମାଧାନ ଲାଗି ଦାବି କରି ଆସୁଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆ ଯାଉନଥିବାରୁ ସାହି ବାସିନ୍ଦା ଅସନ୍ତୋଷ ପ୍ରକାଶ କରିଛନ୍ତି । ଗଣ୍ଡାସାହିରେ ୧୦୦ଟି ଘର ରହିଛି। ଲୋକଙ୍କ ଲାଗି ରହିଛି ମାତ୍ର ୨ ଟି ନଳକୂପ । କିନ୍ତୁ ଚଳିତ ବର୍ଷର ପ୍ରଖର ଖରା ଯୋଗୁଁ ନଳକୂପର ଜଳ ସ୍ତର ତଳକୁ ଚାଲିଯାଇଥିବାରୁ ସେଥିରେ ବି ଠିକ ରେ ପାଣି ବାହାରୁନାହିଁ । ପାଣି ହାଣ୍ଡିଏ ଲାଗି ନଳକୂପ ନିକଟରେ ଲୋକଙ୍କ ଭିଡ଼ ଲାଗୁଛି । ସାହିରେ ପାଇପ ଯୋଗେ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି କିନ୍ତୁ ଗୋଟିଏ ଦିନ ବି ପାଣି ପହଞ୍ଚି ପାରୁନାହିଁ । ଲୋକଙ୍କ କହିବା ଅନୁଯାୟୀ ପାଇପ ଆସିଥିବା ସ୍ଥାନ ଉଚ୍ଚା ଥିବାରୁ ପାଣି ଆସୁନାହିଁ । ଏ ନେଇ ବାରମ୍ବାର ଅଭିଯୋଗ କରାଯାଉଛି କିନ୍ତୁ କେହି କିଛି ପଦକ୍ଷେପ ଗ୍ରହଣ କରୁନାହାନ୍ତି । ପାଣି ପାଇଁ ଲୋକେ ଅତିଷ୍ଠ ହୋଇ ପଡିଲେଣି । ଶୀଘ୍ର ପାଇପ ଯୋଗେ ପାନୀୟ ଜଳର ବ୍ୟବସ୍ଥା କରିବା ଲାଗି ଧର୍ଯ୍ୟମଣି ଗୋରଡା, ନୋକତାଲି ଗୋରଡା, ମହାନ୍ତି ଗୋରଡା, ଖଗପତି ବାଘ, କିଶୋର ପ୍ରମୁଖ ଦାବି କରିଛନ୍ତି ।



ନଳକୂପ ନିକଟରେ ପାଣି ପାଇଁ ମହିଳାଙ୍କ ଭିଡ।

## ରାମକୃଷ୍ଣ ଶାରଦା ସେବା ସଂଘର କର୍ମକର୍ତ୍ତା ଚୟନ

ଡାବୁଗାଁ, ୩୦।୪ (ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ନିକଟସ୍ଥ ଗରୁଡଗୁଡା ଗ୍ରାମସ୍ଥିତ ରାମକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଡାବୁଗାଁ ରାମକୃଷ୍ଣ ଶାରଦା ସେବା ସଂଘ ଏକ ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି ।ପ୍ରାଧାପିକା ଡାଃ ବାସନ୍ତୀ ମହାନ୍ତିଙ୍କ ଅଧ୍ୟକ୍ଷତା କରିଥିଲେ। ଭୁବନେଶ୍ୱର ରାମକୃଷ୍ଣ ମଠର ସଦସ୍ୟ ଭୁବନେଶ୍ୱରାନନ୍ଦଜୀ ମହାରାଜାଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଡାବୁଗାଁ ରାମକୃଷ୍ଣ ଶାରଦା ସେବା ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ଏଥିରେ ସଭାପତି ଭାବେ ସୁବ୍ରତ କୁମାର ପରିଡା, ଉପସଭାପତି ନୀଳାଚଳ ପଣ୍ଡା, ସମ୍ପାଦକ ବାବି ଜେନା, ସହ ସମ୍ପାଦକ ସବ୍ୟସାଚୀ ବିଶୋଇ, କୋଷାଧ୍ୟକ୍ଷ ବିଜୟ କୁମାର ବାରିକ, ଉପଦେଷ୍ଟା ଭାବେ ଡାକ୍ତର ଡା. ସୁରେନ୍ଦ୍ର ନାଥ ଦାସ, ଡାଃ. ବାସନ୍ତୀ ମହାନ୍ତ, ଡାଃ. ରାଧାନାଥ ବେହେରା, ମହେନ୍ଦ୍ର କୁମାର କାମେଲା ଓ ବିପିନ ବିହାରୀ ବାରିକ ଏବଂ ୧୦ ଜଣଙ୍କୁ ସଭ୍ୟ ଭାବେ ଚୟନ କରଯାଇଥିଲା । ଏହି ବୈଠକରେ ୪୫ ଜଣ ଭକ୍ତ ଯୋଗ ଦେଇଥିଲେ ।

# ବିଦାୟକାଳୀନ ସମ୍ବର୍ଦ୍ଧନା

ଡାବୁଗାଁ, ୩୦।୪ (ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ମଙ୍ଗଳବାର ଅନୁଷ୍ଠିତ ହୋଯାଇଛି । ଡାବୁଗାଁ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରାମକୃଷ୍ଣ ମିଶ୍ର ମଙ୍ଗଳବାର ଚାକିରିରୁ ଅବସର ଗ୍ରହଣ କରିଥିଲେ । ଏହି ଅବସରରେ ଡାବୁଗାଁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀମାନେ ତାଙ୍କୁ ଉପଢୌକନ ସହ ବିଦାୟ କାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ । ଏହି ସଭାରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରି ମହେଶ ଚନ୍ଦ୍ର ସାହା ଓ ଅଞ୍ଜଳି ବିଶ୍ୱାସ, ମୁଖ୍ୟ କିରାଣୀ କୈଳାସ ସିଂଲାଲ, ବରିଷ୍ଠ କିରାଣୀ ସଂଜୀବ ସାହୁ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ କୃଷ୍ଣଚନ୍ଦ୍ର ପଣ୍ଡା, ବିକାଶ ରଞ୍ଜନ ନିଶଙ୍କ, ରାଇସିଂ ପୂଜାରୀ, ପ୍ରକାଶ ଖଟୁଆ, ହେମଧର ନାଇକ ଏବଂ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।



ବିଦାୟକାଳୀନ ସଭାରେ ଉପସ୍ଥିତ ଅଧିକାରୀମାନେ ।

# ଟ୍ରକ ମାଡି ଯିବାରୁ ଯୁବତୀ ମୃତ

କୋଷାଗୁମୁଡା, ୩୦।୪(ଡି.ଏନ.ଏ)

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକର ଛେଲିପଦର ବିଦ୍ୟାଳୟ ନିକଟରେ ମଙ୍ଗଳବାର ଟ୍ରକ ଧକ୍କାରେ ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଛି। ନବରଙ୍ଗପୁରରୁ ଏକ ତସୁ ବୋଝେଇ ଟ୍ରକ (ନଂ.ଓଆର୧୦ଡି୦୨୮୬) ଆସୁଥିଲା। ଏହି ସମୟରେ ଜୟପୁରରୁ ମେନୋ ବଇଶା ତାଙ୍କ ମାମୁଁଙ୍କ ସହ ବାଇକରେ ବିଏମସେମଲା ଗାଁକୁ ଏକ ବିବାହ କାର୍ଯ୍ୟରେ ଯୋଗ ଦେବାକୁ ଯାଉଥିଲେ। ଛେଲିପଦର ବିଦ୍ୟାଳୟ ନିକଟରେ ଗାଡି ଉପରୁ ବାଇକ ଆରୋହୀ ଭାରସାମ୍ୟ ହରାଇବାରୁ ମେନୋ ତଳେ ପଡିଯାଇଥିଲେ। ଏହି ସମୟରେ ଆସୁଥିବା ଏକ ଟ୍ରକ ତାଙ୍କ ଉପରେ ଚଢି ଯାଇଥିଲା। ଘଟଣାସ୍ଥଳରେ ଯୁବତୀ ଜଣଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ କୋଷାଗୁମୁଡା ଥାନା ଅଧିକାରୀ ପହଞ୍ଚି ଟ୍ରକ ଏବଂ ମୃତଦେହ ଜବତ କରିଥିଲେ। ବୁଧବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ ପିଏସ ସାଗର କହିଛନ୍ତି।

# ଏଏସଆଇ ଗଣେଶ ଚନ୍ଦ୍ର ସମ୍ମାନିତ



ଏଏସଆଇଙ୍କୁ ଏସପି ମାନପତ୍ର ଦେଇ ସମ୍ମାନିତ କରୁଛନ୍ତି ।

ନବରଙ୍ଗପୁର,୩୦।୪(ଡି.ଏନ.ଏ.)

ଡାବୁଗାଁ ଥାନା ଏଏସଆଇ ଗଣେଶ ଚନ୍ଦ୍ର ପଟ୍ଟନାୟକଙ୍କୁ ପୋଲିସ ପ୍ରତିଷ୍ଠା ଦିବସ ଅବସରରେ ଏସପି ନିତିନ କୁସାଲକର ମାନପତ୍ର ଦେଇ ସମ୍ମାନିତ କରିଛନ୍ତି । ଉତ୍ତମ ପୋଲିସ ଏଏସଆଇ ଭାବେ ଗଣେଶଙ୍କୁ ମାନପତ୍ର ସହ ୭୫୦ ଟଙ୍କା ପ୍ରଦାନ କରି ଏସପି ତାଙ୍କ କାର୍ଯ୍ୟାଳୟରେ ସମ୍ମାନିତ କରିଛନ୍ତି । ଗଣେଶ ୧୯୮୬ ନଭେମ୍ବର ୧୧ ତାରିଖରେ କୋରାପୁଟ ଜିଲାରେ କନଷ୍ଟେବଲ ଭାବେ ଚାକିରି ପାଇବା ପରେ ୧୯୯୩ ମାର୍ଚ୍ଚ ୨୧ ତାରିଖରେ ନବରଙ୍ଗପୁର ଜିଲାକୁ ବଦଳି ହୋଇ ଆସିଥିଲେ । ୨୦୦୯ରେ ପଦୋନ୍ନତି ପାଇ ସେ ଏଏସଆଇ ଭାବେ କାର୍ଯ୍ୟରତ ରହିଛନ୍ତି ।

## ଦୁଇ ବାଇକ୍ ମୁହାଁମୁହିଁ, ୪ ଆହତ

ବୁଗୁଡ଼ା,୩୦।୪(ଡି.ଏନ.ଏ.)

ବୁଗୁଡ଼ା ବଜାରରେ ମଙ୍ଗଳବାର ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବାରୁ ୪ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଯେ, ଖୋଳଖାଳି ଗ୍ରାମର ସୁଧୀର ସେଠୀ ତାଙ୍କର ଦୁଇ ଭଉଣୀ ତମସା ଓ ସ୍ୱର୍ଣ୍ଣଲତାଙ୍କୁ ବାଇକ୍‌ରେ ଧରି ବୁଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରୁ ଗାଁକୁ ଫେରୁଥିଲେ। ବିପରୀତ ଦିଗରୁ ତାକରଡ଼ାର ଅମୂଲ୍ୟ ନାୟକ ଏକ ବାଇକରେ କୁଆଁନନ୍ଦ ଗାଁରୁ ଫେରୁଥିବା ବେଳେ ବାଲିପଦର ରାସ୍ତାରେ ସୁଧୀରଙ୍କ ବାଇକ୍ ସହ ଧକ୍କା ହୋଇଥିଲେ। ଫଳରେ ୨ ବାଇକର ୪ ଆରେହୀ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ବୁଗୁଡ଼ା ଡାକ୍ତରଖାନାକୁ ଆଣିଥିଲେ।

# ଜବାହର ନବୋଦୟ ବିଦ୍ୟାଳୟ ବାର୍ଷିକ ଉତ୍ସବ

ନବରଙ୍ଗପୁର,୩୦।୪(ଡି.ଏନ.ଏ)–

ନବରଙ୍ଗପୁର ଜିଲା ଖାତିଗୁଡା ସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟର ବାର୍ଷିକ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ର, ମୁଖ୍ୟବକ୍ତା ଖାତିଗୁଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୃଷ୍ଣ ଚନ୍ଦ୍ର ଦାଶ, ସମ୍ମାନୀତ ଅତିଥି ସ୍ଥାନୀୟ ପ୍ରୋଜେକ୍ଟ ମହାବିଦ୍ୟାଳୟର ଅଧ୍ୟକ୍ଷ ଯଶୋବନ୍ତ ବରାଳ, ରାଜା ଚାଉଁରିଆଗୁଡା ମହାବିଦ୍ୟାଳୟର ଅଧ୍ୟାପକ ଅଖିଳ ଭଟ୍ଟ, ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ବୁଲୁ ହୋତା ଯୋଗ ଦେଇଥିଲେ। ନବରଙ୍ଗପୁର ଭଳି ଏକ ଉପାନ୍ତ ଏବଂ ଆଦିବାସୀ ବହୁଳ ଜିଲାରେ ଉଚ୍ଚ ଶିକ୍ଷାର ବିକାଶ ପାଇଁ ଏଭଳି ଶିକ୍ଷାନୁଷ୍ଠାନର ଆବଶ୍ୟକତା ରହିଛି। ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ ଏବଂ ଅଭିଭାବକମାନଙ୍କୁ ଏହାର ଫାଇଦା ନେବାକୁ କହିଥିଲେ । କଠୋର ଅଧ୍ୟବସାୟ ସାଧନ ଜାରି ରଖି ଭବିଷ୍ୟତରେ ଜଣେ ଆଦର୍ଶ ମଣିଷ ହେବା ପାଇଁ ମୁଖ୍ୟଅତିଥି ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଚିନ୍ତାମଣୀ ଦ୍ୱିବେଦୀ ଅଧ୍ୟକ୍ଷତା କରିଥିବାବେଳେ ଶିକ୍ଷୟିତ୍ରୀ ଅନୀତା କୁମାରୀ ସ୍ୱାଗତ ଭାଷଣ ଦେଇଥିଲେ। ଓଡିଆ ଅଧ୍ୟାପିକା ବୀଣାପାଣୀ ବିଶ୍ୱାଳ ଅତିଥି ପରିଚୟ ଦେଇଥିବାବେଳେ ମଞ୍ଚକୁ ଅନୀତା କୁମାରୀ ଓ ପ୍ରକାଶ ଠାକୁର ସଂଯୋଜନା କରିଥିଲେ। ଶିକ୍ଷକ ବଳରାମ ପ୍ରସାଦ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭ୍ୟ ପୃଥ୍ୱିରାଜ ପାଇକରାୟ, ଅଧ୍ୟାପକ ରନ ସ୍ୱାଇଁ, ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକ ଯୋଗ ଦେଇଥିଲେ। ଚଳିତ ବର୍ଷ ମଧ୍ୟ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ବାର୍ଷିକ ଉତ୍ସବ ଆରମ୍ଭ ହୋଇଥିଲା।



ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ।

# ଗ୍ରାମବାସୀଙ୍କ ପକ୍ଷରୁ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ଚନ୍ଦାହାଣ୍ଡି,୩୦।୪(ଡି.ଏନ.ଏ)

ଚନ୍ଦାହାଣ୍ଡି ବ୍ଲକ ପୂଜାରିଗୁଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଲକ୍ଷ୍ମଣ ସାହୁ ମଙ୍ଗଳବାର ଅବସର ଗ୍ରହଣ କରିଥିବାରୁ ଗ୍ରାମବାସୀଙ୍କ ପକ୍ଷରୁ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସେ ୧୯୮୩ ମସିହାରେ ଲାଙ୍ଗପଡା ଗ୍ରାମରେ ଶିକ୍ଷକତା ଆରମ୍ଭ କରିଥିଲେ। ଏହା ପରେ ଜମାଦାରପଡା ପ୍ରାଥମିକ ବିଦ୍ୟାଳୟ ଏବଂ ୨୦୦୮ ମସିହାରେ ନିଜ ଗ୍ରାମର ବିଦ୍ୟାଳୟରେ ଶିକ୍ଷାଦାନ ଦେଇଥିଲେ। ଗ୍ରାମାସୀଙ୍କ ସହ ସୁସମ୍ପର୍କ ରଖି ଗ୍ରାମର ଛାତ୍ରୀଛାତ୍ରମାନଙ୍କୁ ବିଦ୍ୟାଳୟ ମୁହାଁ କରିବାରେ ତାଙ୍କର ବିଶେଷ ଅବଦାନ ରହିଥିଲା। ତାଙ୍କ ପ୍ରଚେଷ୍ଟା ଫଳରେ ପ୍ରାଥମିକ ବିଦ୍ୟାଳୟ ଉଚ୍ଚ ବିଦ୍ୟାଳୟ ହୋଇପାରିଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ସାମାଜିକ କର୍ମୀ ତଥା ପୂର୍ବତନ ସରପଞ୍ଚ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ରଘୁ ପୂଜାରୀ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ଶିକ୍ଷକ ମୀନକେତନ ସାହ, ପ୍ରେମଚାନ୍ଦ ବିଶୋଇ, ଦେବାନନ୍ଦ ନାୟକ, ଯତିନ୍ଦ୍ର ସାହୁ, ମନଜିତ ମାଝି, ଗଣେଷ ନାୟକ, ଧର୍ମାନନ୍ଦ ମାଝି, ହେମନ୍ତ ସାହୁ, ସମିତି ସଭ୍ୟ ଝୁମୁକୁଲାଲ ସାହୁ , ବିରେନ ସାହୁ, ବିଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଶିକ୍ଷକଙ୍କୁ ଗ୍ରାମବାସୀ ସମ୍ବନ୍ଧିତ କରୁଛନ୍ତି।

# ପ୍ରକଳ୍ପ ଅଛି, ପାନୀୟ ଜଳ ମିଳୁନି

ତେନ୍ତୁଳିଖୁଣ୍ଟି,୩୦।୪(ଡି.ଏନ.ଏ.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ପରଜାବାରଙ୍ଗପଦର ଗ୍ରାମପଞ୍ଚାୟତ ଖାତିଗୁଡାଠାରେ ଜଳଯୋଗାଣ ପ୍ରକଳ୍ପ ରହିଛି। କିନ୍ତୁ ଏହା ଲୋକଙ୍କ ଆବଶ୍ୟକତା ପୂରଣ କରି ପାରୁ ନାହିଁ। ପ୍ରକଳ୍ପ ଥାଇ ମଧ୍ୟ ବହୁ ସାହିବାସିନ୍ଦା ପାନୀୟ ଜଳରୁ ବଞ୍ଚିତ ହେଉଛନ୍ତି। ଏହି ପ୍ରକଳ୍ପ ଦ୍ୱାରା ଖାତିଗୁଡାର ପାଇକ, ଗଉଡ, କୁମ୍ଭାର, ହରିଜନ, ଆଦିବାସୀ ଓ ଖ୍ରୀଷ୍ଟିଆନ ସାହି ସମେତ ଝାଲିଆଗୁଡା ମାର୍କେଟର ମାଉସୀମା ମନ୍ଦିର ପର୍ଯ୍ୟନ୍ତ ପାଣି ଯୋଗାଇବା ପାଇଁ ଷ୍ଟାଣ୍ଡ ପଏଣ୍ଟ ନିର୍ମାଣ କରାଯାଇଛି। ତେବେ ପ୍ରକଳ୍ପ ଆରମ୍ଭ ହେବାର କିଛି ଦିନ ପର୍ଯ୍ୟନ୍ତ ଝାଲିଆଗୁଡା ମାର୍କେଟର ପୋଲିସ ଷ୍ଟେଶନ ପର୍ଯ୍ୟନ୍ତ ପାଣି ଯୋଗାଣ ହୋଇଥିଲା । କିନ୍ତୁ ଗତ ୨ ବର୍ଷ ହେଲା ଏହି ପ୍ରକଳ୍ପ ଦ୍ୱାରା ଝାଲିଆଗୁଡା ମାର୍କେଟକୁ ଜଳଯୋଗାଣ କରାଯାଉନି । ଖାତିଗୁଡା ଗ୍ରାମର ସବୁସାହିକୁ ମଧ୍ୟ ପାଣି ଆସୁ ନଥିବାରୁ ଲୋକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଜଳଯୋଗାଣ ପ୍ରକଳ୍ପର ଦୁଇଟି ଯାକ ବୋରୱେଲରେ ମୋଟର ଫିଟିଂ କରି ଓଭରହେଡ ଟାଙ୍କିରେ ଜଳ ରଖାଯାଇ ଯୋଗାଣ କଲେ ଲକ୍ଷ୍ୟ ପୂରଣ ହୋଇପାରନ୍ତା । କିନ୍ତୁ ଜଳଯୋଗାଣ ପ୍ରକଳ୍ପର ଓଭରହେଡ ଟାଙ୍କି ନିର୍ମାଣ ଦିନଠାରୁ ଦିନଟିଏ ମଧ୍ୟ ବ୍ୟବହାର କରାଯାଇନାହିଁ । ଝାଲିଆଗୁଡା ମାର୍କେଟରେ ରହୁଥିବା ୧୩୦ ପରିବାର ପାଣି ପାଇଁ ଦୁଇଟି ନଳକୂପ ଏବଂ ଦୁଇଟି କୁଅ ଉପରେ ନିର୍ଭର କରୁଛନ୍ତି । ଝାଲିଆଗୁଡା ମାର୍କେଟ ଅଞ୍ଚଳକୁ ଜଳଯୋଗାଣ କରିବା ପାଇଁ ସରପଞ୍ଚ ବିଜୟ ଝୋଡିଆ କନିଷ୍ଠ ଯନ୍ତ୍ରୀ ଶିବରାମ ଦୀକ୍ଷିତଙ୍କୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳି ନାହିଁ। ତୁରନ୍ତ ସମସ୍ୟାର ସମାଧାନ କରା ନଗଲେ ଜଳଯୋଗାଣ ପ୍ରକଳ୍ପରେ ତାଲା ପକାଯିବା ସହ ଆନ୍ଦୋଳନାତ୍ମକ ପଦକ୍ଷେପ ନିଆଯିବ ବୋଲି ଚେତାବନୀ ଦିଆଯାଇଛି।



ଭାଙ୍ଗିରୁଜି ଯାଇଥିବା ଷ୍ଟାଣ୍ଡପୋଷ୍ଟ ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ବୁଧବାର, ମେ ୧/୨୦୧୯ Rayagada, Wednesday, May 1 / 2019

## ସଂକ୍ଷେପରେ

### ରେଳ ଧାରଣାରୁ ମୃତଦେହ ଉଦ୍ଧାର

**ଟିକିରି,୩୦।୪(ଡ଼ି.ଏନ.ଏ):** ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରିରୁ ରାଉକି ଷ୍ଟେଶନ ମଧ୍ୟରେ ଥିବା ରେଳଧାରଣାରୁ ମଙ୍ଗଳବାର ପୋଲିସ ଖଣ୍ଡବିଖଣ୍ଡିତ ଏକ ମୃତଦେହ ଉଦ୍ଧାର କରିଛି। ମୃତ ବ୍ୟକ୍ତିଙ୍କ ପରିଚୟ ମିଳିନାହିଁ । ତାଙ୍କ ବୟସ ୪୦ ବର୍ଷ ହେବ । ଖବରପାଇ ଟିକିରି ପୋଲିସ ଓ ଆରପିଏଫ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ରାୟଗଡ଼ା ଶବଗାରକୁ ପଠାଇ ଦେଇଛନ୍ତି । ଘଟଣାସ୍ଥଳରୁ ପୋଲିସ ତାଙ୍କର ଏକ ଲୁଙ୍ଗିକୁ ଜବତ କରିଛି । ଏନେଇ ଏକ ମାମଲା(୬/୧୯) ରୁଜୁ କରି ତଦନ୍ତ ଜାରି ରଖିଥିବା ଟିକିରି ଥାନା ଏସଆଇ ସମୀର ପ୍ରଧାନ କହିଛନ୍ତି ।

### ଅଟୋ ଦୁର୍ଘଟଣାରେ ୬ ଆହତ

**ପାରଳାଖେମୁଣ୍ଡି, ୩୦।୪ (ସ୍ୱ.ପ୍ର.):** ଗଜପତି ଜିଲା ଗୋଷାଣୀ ବ୍ଲକ ଅଧୀନ ଦେଓପୁର-ରାଉତପୁର ଗ୍ରାମ ନିକଟରେ ମଙ୍ଗଳବାର ଏକ ଅଟୋ ଦୁର୍ଘଟଣା ଘଟି ୬ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଅଶୀନ ଭୂୟାଁ(୩୦), ବିନୟ ଭୂୟାଁ(୨୮), ଫୁଲମଣୀ ରଇତ(୩୫), ଅନୁକ ରଇତ(୩୨), ଜଗନ୍ନାଥ ଭୂୟାଁ ଓ ଅଟୋ ଡ୍ରାଇଭର ରମେଶ ଶବର। ପ୍ରକାଶ ଯେ, ରାୟଗଡ ବ୍ଲକ ନୂଆଁ ସାହି ଗାଁର ଗୋଟିଏ ପରିବାରର ୬ଜଣ ଗୋଷାଣୀ ବ୍ଲକର ଲାବଣ୍ୟଗଡ ଗାଁ ଅଭିମୁଖେ ଏକ ଭୋଜିରେ ଯୋଗଦେବା ପାଇଁ ଯାଉଥିଲେ । ଏହି ସମୟରେ ଦେଓପୁର-ରାଉତପୁର ନିକଟରେ କୌଣସି କାରଣରୁ ଅଟୋଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ଏଥିରେ ବସିଥିବା ସମସ୍ତ ୬ଜଣ ଯାତ୍ରୀଙ୍କର ମୁଣ୍ଡ, ଗୋଡ଼, ଅଣ୍ଟାରେ ଗଭୀର ଆଘାତ ଲାଗିଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତଙ୍କୁ ଆମ୍ବୁଲାନ୍ସ ଯୋଗେ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

### କୁକୁର କାମୁଡାରେ ହରିଣ ମୃତ

**ଧରାକୋଟ,୩୦।୪(ଡି.ଏନ୍.ଏ.):** ଧରାକୋଟ ବ୍ଲକ ସୁନାମୋହି ଗ୍ରାମ ନିକଟସ୍ଥ ଆମ୍ବଡା ବଣରେ ମଙ୍ଗଳବାର ସକାଳେ କୁକୁର ପଲ ଆକ୍ରମଣରେ ଗୋଟିଏ ଅଣ୍ଡିରା ହରିଣର ମୃତ୍ୟୁ ଘଟିଛି। ହରିଣର ବୟସ ପ୍ରାୟ ୫ବର୍ଷ ହୋଇଥିବା ଅନୁମାନ କରାଯାଉଥିବା ବେଳେ ୪ଫୁଟ ଲମ୍ବ ଓ ୩ଫୁଟ ଉଚ୍ଚତା ରହିଛି। ହରିଣର ଗଳା ଓ ତଳି ପେଟରେ କୁକୁର କାମୁଡ଼ାରେ ଗଭୀର କ୍ଷତ ରହିଥିବା ଦେଖି ଗ୍ରାମବାସୀ ବନ ବିଭାଗକୁ ଜଣାଇଥିଲେ। ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୁମୁର୍ଷ ଅବସ୍ଥାରେ ହରିଣକୁ ଉଦ୍ଧାର କରି ଧରାକୋଟ ପ୍ରାଣୀ ଚିକିତ୍ସାକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଣୀ ଚିକିତ୍ସକ ଡା. ମାନସରଞ୍ଜନ ପୋଲାଇ ହରିଣକୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ହରଣିଟିକୁ ଧରାକୋଟ ଜଙ୍ଗଲ ବିଭାଗ ପରିସରରେ ପୋତାଯାଇଥିଲା। ବିରଳ ପ୍ରଜାତି ଏହି ହରିଣଟି ଜଙ୍ଗଲରୁ ବସ୍ତି ମୁହାଁ ହେଉଥିବା ବେଳେ କୁକୁର ଆକ୍ରମଣର ଶିକାର ହୋଇଥିବା ଫରେଷ୍ଟର କହିଛନ୍ତି।

■ ଫନୀ ପାଇଁ ଜରୁରୀକାଳୀନ ବୈଠକ

# ବାତ୍ୟା ମୁକାବିଲା ନେଇ ପ୍ରଶାସନ ପ୍ରସ୍ତୁତ

**ପାରଳାଖେମୁଣ୍ଡି, ୩୦।୪ (ସ୍ୱ.ପ୍ର.)**

ବାତ୍ୟା ଫନୀର ମୁକାବିଲା ପାଇଁ ଗଜପତି ଜିଲା ପ୍ରଶାସନ ପ୍ରସ୍ତୁତ ରହିଛି। ଏ ନେଇ ମଙ୍ଗଳବାର ଅନୁଷ୍ଠିତ ଜରୁରୀ କାଳୀନ ବୈଠକ ଓ ଖବରଦାତା ସମ୍ମିଳନୀରେ ଗଜପତି ଜିଲାପାଳ ଅନୁପମ ସାହା ସୂଚନା ଦେଇଛନ୍ତି। ମେ ୨-୪ ସୁଦ୍ଧା ବାତ୍ୟା ଫନୀ ଆସିବାର ସମ୍ଭାବନା ରହିଛି। ଏଥିପାଇଁ ବିଭିନ୍ନ ଅଧିକାରୀଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୨ରୁ ୪ ତାରିଖ ମଧ୍ୟରେ ଜିଲାରେ ପବନ ସାଙ୍ଗକୁ ବର୍ଷା ହେବାର ସମ୍ଭାବନା ରହିଛି। ଏନେଇ ସମସ୍ତ ବ୍ଲକ ଅଧିକାରୀମାନେ ବାତ୍ୟା ଆଶ୍ରୟସ୍ଥଳୀ ଠିକ୍ ରଖିବା, ଆଶ୍ରୟସ୍ଥଳୀରେ ରହିଥିବା ଲୋକମାନଙ୍କୁ ଶୁଖିଲା ଏବଂ ରନ୍ଧା ଖାଦ୍ୟ ପ୍ରଦାନ କାର୍ଯ୍ୟ ଠିକ୍ ଭାବେ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

**ଖବରଦାତା ସମ୍ମିଳନୀ**

- ■ ବାତ୍ୟା ଆଶ୍ରୟସ୍ଥଳୀକୁ ଲୋକଙ୍କୁ ସ୍ଥାନାନ୍ତର କରିବ ବ୍ଲକ ପ୍ରଶାସନ
- ■ ଆଶ୍ରୟସ୍ଥଳୀରେ ରହୁଥିବା ଲୋକଙ୍କୁ ଶୁଖିଲା, ରନ୍ଧା ଖାଦ୍ୟ ଦିଆଯିବ
- ■ ଜରୁରିକାଳୀନ ଯୋଗାଯୋଗ ନିମନ୍ତେ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ବ୍ୟବସ୍ଥା



ଖବରଦାତା ସମ୍ମିଳନୀରେ ଜିଲାପାଳ ଓ ଜିଲା ଜରୁରିକାଳୀନ ଅଧିକାରୀ।

ଏଥିସହ ଆବଶ୍ୟକ ଜରୁରୀ ସାମଗ୍ରୀ ମହଜୁଦ ରଖାଯାଇଛି ବୋଲି ଜିଲାପାଳ କହିଛନ୍ତି। ବାତ୍ୟା ସମୟରେ ସମସ୍ତ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରରେ ବାତ୍ୟା ଆଶ୍ରୟସ୍ଥଳୀ ଖୋଲାଯାଇ ସେଠାରେ ଲୋକଙ୍କୁ ରଖାଯିବ। ପ୍ରଶାସନ ପକ୍ଷରୁ ଲୋକମାନଙ୍କୁ ସଚେତନ କରାଇବାପାଇଁ ମାଇକ୍ ଯୋଗେ ପ୍ରଚାର କରାଯାଉଛି। ଜରୁରୀକାଳୀନ ଯୋଗାଯୋଗ ନିମନ୍ତେ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ୦୬୮୧୫୨୨୨୯୪୩ରେ ଲୋକେ ଜରୁରୀ ସମୟରେ ଯୋଗାଯୋଗ କରିପାରିବେ। ଏଥିସହ ସ୍ୱତନ୍ତ୍ର ରିଲିଫ କମିଶନର, ଓଡ୍ରାଫ୍ ଟିମ୍‌କୁ ନିୟୋଜିତ କରିବା ପାଇଁ ବ୍ୟବସ୍ଥା କରାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଜରୁରୀକାଳୀନ ଅଧିକାରୀ ସତ୍ୟ ସମ୍ପନ୍ନା ରାଉତ ଉପସ୍ଥିତ ଥିଲେ।


ବୈଠକରେ ଆଲୋଚନା କରାଯାଉଛି ।

## ଫନୀ ମୁକାବିଲା ପ୍ରସ୍ତୁତି ବୈଠକ

**ଗୁଣପୁର, ୩୦।୪ (ଡି. ଏନ. ଏ)**

ଗୁଣପୁର ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ସାମୁଦ୍ରିକ ଝଡ଼ ଫନୀ ମୁକାବିଲା ନେଇ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ତହସିଲଦାର ନମ୍ରତା ମୋଦି ଏବଂ ଏବିଡ଼ିଓ ତଥା ଭାରପ୍ରାପ୍ତ ବିଡ଼ିଓ ମାନସ ରଞ୍ଜନ ବେହେରା, ସହକାରୀ ଯନ୍ତ୍ରୀ ଦୁର୍ଯୋଧନ ଜାନି ଯୋଗ ଦେଇ ସମସ୍ତ କର୍ମଚାରୀଙ୍କୁ ପ୍ରସ୍ତୁତ ରହିବା ପାଇଁ କହିଥିଲେ । ଫନୀ ମୁକାବିଲା କରିବା ପାଇ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ବୈଠକରେ ବ୍ଲକର ରାଜସ୍ୱ ନିରୀକ୍ଷକଙ୍କ ସମେତ ଗ୍ରାମସେବକ, ଯନ୍ତ୍ରୀମାନେ ଉପସ୍ଥିତ ଥିଲେ । ବୁଧବାର ସରପଞ୍ଚ ଏବଂ ସମିତିସଭ୍ୟମାନଙ୍କ ବୈଠକ କରାଯିବ ବୋଲି ସ୍ଥିର ହୋଇଛି ।

## ବିଦ୍ୟୁତ୍‌ର ଲୁଚକାଳି ଖେଳ, ଉପଭୋକ୍ତା ନୟାନ୍ତ

**ରାୟଗଡା ଅଫିସ୍, ୩୦।୪**

ରାୟଗଡା ଜିଲାରେ ଗ୍ରୀଷ୍ମପ୍ରବାହ ଦିନକୁ ଦିନ ବୃଦ୍ଧି ପାଉଛି । ମଙ୍ଗଳବାର ତାପମାତ୍ରା ୪୩ ଡିଗ୍ରୀ ରହିଛି । ଏଭଳିକି ମୁନିଗୁଡା ଓ ଆମ୍ବାଦୋଳା ଅଞ୍ଚଳରେ ୪୩ ଡିଗ୍ରୀ ପାର କରିଛି ତାପମାତ୍ରା । ଗରମରେ ଆଉଟୁପାଉଟୁ ହେଉଛନ୍ତି ଲୋକେ । ଅନ୍ୟପଟେ କିଛିଦିନ ହେବ ଲୋଭୋଲଟେଜ୍ ଏକ ବଡ ସମସ୍ୟା ଦେଖାଦେଇଛି । ମଙ୍ଗଳବାର ସକାଳ ୭ଟାରୁଅପରାହ୍ନ୍ନ ୪ଟା ପର୍ଯ୍ୟନ୍ତ ବିଦ୍ୟୁତ୍‌କାଟ ହୋଇଥିଲା । ଦିନ ତମାମ ବିଦ୍ୟୁତ୍ ବିଭ୍ରାଟ ଉପଭେକ୍ତାଙ୍କୁ ନୟାନ୍ତ କରିଥିଲା । ବିଭିନ୍ନ ସ୍ଥାନରେ ମରାମତି ପାଇଁ ବନ୍ଦ ରହିଥିବା ସାଉଥ୍‌କୋ ପକ୍ଷରୁ ସୂଚନା ଦିଆଯାଇଛି । ହେଲେ ପ୍ରବଳ ଗରମ ଓ ଗୁଳୁଗୁଳି ସମୟରେ ବିଦ୍ୟୁତ୍‌କାଟକୁ ସାଧାରଣରେ ଗ୍ରହଣ କରାଯାଇ ପାରୁନାହିଁ । ହେଲେ ଏହାର ସ୍ଥାୟୀ ସମାଧାନ କରାଯାଉନାହିଁ । ସାଉଥ୍‌କୋ ଉପଭୋକ୍ତାଙ୍କ ସହ ଲୁଚକାଳି ଖେଳୁଥିବା ଅଭିଯୋଗ ହୋଇଛି । ୨୩୦ଭୋଲ୍ଟ ପରିବର୍ତ୍ତେ ମାତ୍ର ୧୩୦ରୁ ୧୫୦ ଭୋଲ୍ଟ ମଧ୍ୟରେ ଗତ ଏକ ସପ୍ତାହ ହେବ ଯୋଗାଣ ହେଉଛି । ଫଳରେ ଲୋଭୋଲ୍‌ଟେଜ ଯୋଗୁ ନା ନା ସମସ୍ୟା ଦେଖାଦେଉଛି । ସାଉଥ୍‌କୋ ଓ ଗ୍ରୀଡ୍‌କୋ ମଧ୍ୟରେ ଯୋଗାଯୋଗ ଠିକ୍ ନ ଥିବାରୁ ଏହିଭଳି ପରିସ୍ଥିତି ସୃଷ୍ଟି ହେଉଥିବା ଜଣାପଡିଛି । ଅର୍ଦ୍ଧାଧିକ ସମୟ ବିଦ୍ୟୁତ୍ ବିଭ୍ରାଟ ଘଟୁଥିବାରୁ ଚିକିତ୍ସାଳୟରେ ରୋଗୀମାନେ ହନ୍ତସନ୍ତ ହେଉଛନ୍ତି । ଚିକିତ୍ସାଳୟରେ ଯେଉଁ ଜେନେରେଟର ଲାଗିଛି ତାହା ସମସ୍ତ ୱାର୍ଡକୁ ବିଦ୍ୟୁତ୍ ସେବା ଯୋଗାଇପାରୁନାହିଁ । ସେହିଭଳି ଲୋଭୋଲ୍‌ଟେଜ୍ ଯୋଗୁ କାରଖାନାଗୁଡିକ ମଧ୍ୟରେ ମଧ ପ୍ରଭାବ ପଡୁଛି । ମୁଖ୍ୟତଃ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପଗୁଡିକର ଉତ୍ପାଦନ ପ୍ରଭାବିତ ହେଉଥିବା ଜଣାପଡିଛି । ସକାଳ ୧୧ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ଫ୍ୟାନ ଠିକ୍ ଭାବେ ବୁଲୁନାହିଁ , ଯଦ୍ୱାରା ଦିନକୁ ଦିନ ଅସନ୍ତୋଷ ବଢ଼ିବାରେ ଲାଗିଛି ।

## ଗଞ୍ଜେଇ ଚାଲାଣ ମାମଲା, ୪ ଅଭିଯୁକ୍ତ ଖଲାସ

**ଗୁଣପୁର,୩୦।୪(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ଏଡିଜେ କୋର୍ଟରେ ମଙ୍ଗଳବାର ଏଡିଜେ ନିଶିଥ ନିଶଙ୍କ ଗଞ୍ଜେଇ ରଖିବା ଏବଂ ଚାଲାଣ ମାମଲାର ଶୁଣାଣି କରି ୪ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି ।

ପଦ୍ମପୁର ଥାନା ପୁସିଗୁଡା ଗ୍ରାମର ରୂପ ଓରଫ ଅଜୟ ମାଝିଙ୍କ ଘରୁ ପୋଲିସ ୧୦୪ କେଜି ୬୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲା। ପୋଲିସ ତଦନ୍ତ କରି ଚାଲାଣରେ ସହାୟତା କରୁଥିବା ଅଭିଯୋଗରେ ପାଉଲ ସିଂ, ସହଦେବ ମାଝି ଏବଂ ରତ୍ନାକର ମାଝିଙ୍କୁ ଗିରଫ କର କୋର୍ଟ ଚାଲାଣ କରିଥିଲା । ପରେ ରୂପ ମାଝି ବିଚାରାଧୀନ କଏଦୀ ଭାବେ ଗୁଣପୁର ଜେଲ ହାଜତରେ ଥିବାବେଳେ ଅନ୍ୟ ୩ ଜଣ ଅଭିଯୁକ୍ତ ଜାମିନରେ ଥିଲେ । ଏହି ମାମଲାର ବିଚାର ଗୁଣପୁର ଏଡିଜେଙ୍କ କୋର୍ଟରେ ହୋଇଥିଲା । ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଏଡିଜେ ନିଶିଥ ନିଶଙ୍କ ସମସ୍ତ ଅଭିଯୁକ୍ତଙ୍କୁପ୍ରମାଣ ଅଭାବରୁନିର୍ଦ୍ଦୋଷରେ ଖଲାସ କରିଥିଲେ। ରତ୍ନାକରଙ୍କ ପାଇଁ ଗୁଣପୁରର ଓକିଲ ବିଶ୍ୱନାଥ ସାହୁ, ସହଦେବ ମାଝିଙ୍କ ପାଇଁ ବ୍ରହ୍ମପୁରର ଦିବାକର ମହାପାତ୍ର, ରୂପ ମାଝି ଏବଂ ପାଉଲ ସିଂଙ୍କ ପାଇଁ ଏମ.ଏସ.ସାଧବାନୀ ଏବଂ ସରକାରଙ୍କ ପକ୍ଷରୁ ରାଜେନ୍ଦ୍ର ପାଢୀ ମାମଲା ପରିଚଳନା କରୁଥିଲେ ।

## ଯାତ୍ରୀଙ୍କ ବିପଦସଙ୍କୁଳ ଯାତ୍ରା


ଯାତ୍ରୀମାନେ ବିପଦସଙ୍କୁଳ ଅବସ୍ଥାରେ ଯାତ୍ରା କରୁଛନ୍ତି ।

**ଟିକିରି, ୩୦।୪ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରିରେ ଗାଡ଼ି ଚାଳକମାନେ ବେପରୁଆ ଗାଡ଼ି ଚାଳନା କରୁଛନ୍ତି । ଏମିତି କି ଯାତ୍ରୀମାନେ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି। ଏହା ଏଠାରେ ନିତିଦିନିଆ ଘଟଣା ପାଲଟିଛି। ଗାଡ଼ି ଚାଳକମାନେ ଆବଶ୍ୟକତା ଠାରୁ ଅଧିକ ଲୋକ ନେଉଥିବା ଦେଖିବାକୁ ମିଳିଛି । ଏଠାରୁ ଲୋକେ ପ୍ରବଳ ଖରାରେ ଗାଡ଼ି ଉପରେ ବସି ରାୟଗଡ଼ା, କାଶୀପୁର, ଟିକିରି ଯାତ୍ରା କରୁଛନ୍ତି। ବସ, ଟାଟା ମ୍ୟାଜିକ୍, ଅଟୋ ଚାଳକମାନେ ଉପରେ କିମ୍ବା ଓହଳି କରି ଯାଉଥିବା ଯାତ୍ରୀଙ୍କଠାରୁ ସମାନ ଟଙ୍କା ନେଉଛି । ପ୍ରଶାସନ ଏଥିପ୍ରତି ଧ୍ୟାନ ଦେଉ ନ ଥିବା ଅଭିଯୋଗ ହୋଇଛି। ସେହିପରି ଟ୍ରାଫିକ୍ ବ୍ୟବସ୍ଥା ସହ ଟିକିରି ବସ୍‌ଷ୍ଟାଣ୍ଡରେ ପୋଲିସ ମୁତୟନ କରାଗଲେ ଗାଡି ଚାଳକମାନେ ସଚେତନ ହୋଇପାରିବେ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ମୁନିଗୁଡ଼ା ରାସ୍ତା ପାଲଟିଛି ମରଣଯନ୍ତା


ରାସ୍ତାରେ ସୃଷ୍ଟି ହୋଇଥିବା ଖାଲଖମା ।

**ମୁନିଗୁଡ଼ା,୩୦।୪(ଡ଼ି.ଏନ.ଏ)**

ରାୟଗଡ଼ା ଜିଲା ମୁନିଗୁଡ଼ା ଦେଇ ଯାଇଥିବା ୬ ନମ୍ବର ରାଜ୍ୟ ରାଜପଥ ପାଲଟିଛି ମରଣଯନ୍ତା । ମୁନିଗୁଡ଼ା ମୁଖ୍ୟ ରାସ୍ତାରେ ୫/୬ଟି ସ୍ଥାନରେ ବଡ଼ ବଡ଼ ଗାତ ସୃଷ୍ଟି ହୋଇଥିବା ଦେଖାଯାଇଛି । ସ୍ଥାନୀୟ ତିନି କଣିଆଛକଠାରୁ ଆରମ୍ଭ କରି ନିୟୁ ହୋପ, ଧୋବାସାହି, ଆମ୍ବତୋଟା, ମୁନିଖୋଲ ଛକ, ସିଆରପିଏଫ କ୍ୟାମ୍ପ ସମ୍ମୁଖ, ନିୟୁହୋପ ନିକଟସ୍ଥ ଢାବା ଏପରି ଅନେକ ସ୍ଥାନରେ ଗାତ ସୃଷ୍ଟି ହୋଇଛି । ଯାହାଦ୍ୱାରା ପ୍ରତ୍ୟେକ ଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି । ଉକ୍ତ ରାସ୍ତା ଦେଇ ଯାଆସ କରିବାରେ ଲୋକେ ବହୁ ଅସୁବିଧା ଭୋଗୁଛନ୍ତି । ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ପ୍ରତ୍ୟେକ ୨/୩ ମାସକୁ ଥରେ ପୂର୍ତ୍ତ ବିଭାଗ ତରଫରୁ ରାସ୍ତା ମରାମତି କରାଯାଉଥିଲେ ମଧ୍ୟ ଖୁବ୍ କମ ଦିନରେ ତାହା ଖରାପ ହୋଇଯାଉଛି । ଅନ୍ୟପଟେ ରାୟଗଡ଼ାରୁ ଭବାନୀପାଟଣା ଦେଇ ଯାଉଥିବା ଏହି ୬ ନମ୍ବର ରାଜପଥରେ ଦିନକୁ ଦିନ ବହୁ ମାଲବୋଝେଇ ଗାଡ଼ି ଯାତାୟାତ କରୁଛି । ଯାହାଦ୍ୱାରା ରାସ୍ତା ଖରାପ ହେଉଛି । ଏନେଇ ରାୟଗଡ଼ା ଆରଟିଓ କିମ୍ବା ଏମଭିଆଇଙ୍କ ଦ୍ୱାରା ଯାଞ୍ଚ ହେଉନାହିଁ । ଏଥିପ୍ରତି ଜିଲାପାଳ ଦୃଷ୍ଟିଦେବାକୁ ଜନସାଧାରଣରେ ଦାବି ହେଉଛି ।

## ଦୁର୍ଘଟଣାରେ ଜଣେ ଗୁରୁତର

**ଟିକିଟି,୩୦।୪(ଡି.ଏନ.ଏ.)**

ଗୋଳନ୍ଥରା ଥାନା ସୋରଳ ଜଙ୍କସନ୍ ନିକଟରେ ମଙ୍ଗଳବାର ଏକ ଟ୍ରକ୍‌କୁ ଟାଟା ଏସି ଧକ୍କା ଦେବାରୁ ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ ଟାଟାଏସି ଡ୍ରାଇଭର ସୋରଳ ଗାଁର ବଳରାମ ବେହେରା (୩୪) । ଗୋଳନ୍ଥରା ପୋଲିସ୍ ପହଞ୍ଚି ୨ଟି ଗାଡିକୁ ଜବତ କରିବା ସହ ଗୁରୁତର ବଳରାମଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିଲା ।

## ଯୁବଗୋଷ୍ଠୀଙ୍କ ସଫେଇ କାର୍ଯ୍ୟକ୍ରମ

**ମୁନିଗୁଡ଼ା,୩୦।୪(ଡ଼ି.ଏନ.ଏ)**

ରାୟଗଡ଼ା ଜିଲା ମୁନିଗୁଡ଼ାସ୍ଥିତ ମୁନିଖୋଲ ମହାବୀର ୟୁଥ ଗ୍ରୁପର ସଦସ୍ୟମାନେ ନିଜ ଅଞ୍ଚଳ କିପରି ପରିଷ୍କାର ପରିଚ୍ଛନ୍ନ ରହିବ ସେଥିଲାଗି ସଫେଇ କରିଛନ୍ତି । ଏଥିସହ ଲୋକଙ୍କୁ ସଚେତନ କରିଛନ୍ତି । ସ୍ଥାନୀୟ ଧୋବାସାହିସ୍ଥିତ ୟୁଜିୟୁପି ବିଦ୍ୟାଳୟଠାରୁ ଆରମ୍ଭ କରି ସିଆରପିଏଫ କ୍ୟାମ୍ପ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ପଡ଼ିଥିବା ଅଳିଆ ଆବର୍ଜନାକୁ ସଫା କରିଥିଲେ । ଅଳିଆ ଆବର୍ଜନା ଏଣେ ତେଣେ ନ ପକାଇ ଡଷ୍ଟବିନ୍‌ରେ ପକାଇବାକୁ ସଚେତନ କରିଥିଲେ । ଯୁବଗୋଷ୍ଠୀଙ୍କ ଏପରି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି । ଉକ୍ତ ସଫେଇ କାର୍ଯ୍ୟକ୍ରମରେ ମହାବୀର ୟୁଥ୍ ଗ୍ରୁପର କ୍ଷୀରୋଦ ସ୍ୱାଇଁ, ନରେଶ ପେରସିକା, କରନ ଗୁମ୍ପା, ଦିଲୀପ କାଡ୍ରାକା, ରାଜେଶ ଗୌଡ଼ ପ୍ରମୁଖ ସାମିଲ ହୋଇଥିଲେ ।



ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଯୁବକମାନେ ।

■ ଜାତୀୟ ଶିଶୁ ଶ୍ରମ ବିରୋଧୀ ଦିବସ

## ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ ପାଇଁ ସଚେତନତା ଶୋଭାଯାତ୍ରା

**ପାରଳାଖେମୁଣ୍ଡି, ୩୦।୪ (ସ୍ୱ.ପ୍ର.)**

ଗଜପତି ଜିଲା ଚାଇଲ୍ଡ ଲାଇନ ପାରଳାଖେମୁଣ୍ଡିଠାରେ ମଙ୍ଗଳବାର ଜାତୀୟ ଶିଶୁ ଶ୍ରମ ବିରୋଧୀ ଦିବସ ପାଳନ କରିଛି। ଏହି ଅବସରରେ ସକାଳେ ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ ନିମନ୍ତେ ଏକ ସଚେତନତା ରାଲି ବାହାରିଥିଲା। ଶୋଭାଯାତ୍ରାଟି ସ୍ଥାନୀୟ ହାଇସ୍କୁଲ ଛକରୁ ବାହାରି ବଡଦାଣ୍ଡ, ବଜାର ଛକ ଦେଇ ରାଜନଅର ଛକରେ ଶେଷ ହୋଇଥିଲା। ଏଥିରେ ଶିଶୁ ସୁରକ୍ଷା ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ।

ରାଜନଅର ଛକରେ ଆୟୋଜିତ ସଭାରେ ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ବିନୋଦ ଚନ୍ଦ୍ର ଜେନା, ଚାଇଲ୍ଡଲାଇନ ସଂଯୋଜକ ନାଗେଶ୍ୱର ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାରେ ଶିଶୁ ଶ୍ରମିକଙ୍କୁ କିପରି ଉଚ୍ଛେଦ କରାଯିବ ସେ ନେଇ ଅତିଥିମାନେ ମତ ରଖିଥିଲେ। ଗାଁ ଗହଳିରୁ ଆସି ପେଟ ପାଟଣା ପାଇଁ କାମ କରୁଥିବା ଶିଶୁମାନଙ୍କୁ ଏଥିରୁ ନିବୃତ୍ତ ରଖିବାକୁ ସେ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ସମସ୍ତ କାର୍ଯ୍ୟକୁ ଶିଶୁ ସୁରକ୍ଷା ୟୁନିଟ କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।



ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

## ବାତ୍ୟା ଆଶ୍ରୟସ୍ଥଳୀରେ ଅସାମାଜିକଙ୍କ ଆଡ୍ଡା

**ରାୟଗଡ଼(ଗଜପତି) ୩୦।୪(ଡି.ଏନ୍.ଏ.)**


ବାତ୍ୟା ଆଶ୍ରୟସ୍ଥଳୀ ।

ଗଜପତି ଜିଲା ରାୟଗଡ ବ୍ଲକ କାର୍ଯ୍ୟାଳୟକୁ ଲାଗି ରହିଥିବା ବାତ୍ୟା ଆଶ୍ରୟସ୍ଥଳି। ଯାହା ଏବେ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଏହି ଆଶ୍ରୟସ୍ଥଳୀଟି କାମରେ ଲାଗୁ ନ ଥିବାରୁ ଅସାମାଜିକ ବ୍ୟକ୍ତିମାନେ ଏଥିରେ ଆଡ୍ଡା ଜମାଉଛନ୍ତି। ଭ ବିଭିନ୍ନ ସମୟରେ ସାମୁଦ୍ରିକ ଝଡ଼, ବନ୍ୟା ଓ ବାତ୍ୟା ସିଧାସଳଖ ରାୟଗଡ଼ ବ୍ଲକରେ ବ୍ୟାପକ କ୍ଷତି ଘଟାଇବା ସହ ଧନଜୀବନ ହାନି ଘଟାଏ । ଏଣୁ ପ୍ରାୟ ୧୦ ବର୍ଷ ପୂର୍ବେ ରାୟଗଡ଼ ବ୍ଲକରେ ବାତ୍ୟା ଆଶ୍ରୟସ୍ଥଳି ନିର୍ମାଣ କରାଯାଇଛି। ସାମୁଦ୍ରିକ ଝଡ଼ ବା ବାତ୍ୟା, ବନ୍ୟା ଆଦି ଦାଉରୁ ରକ୍ଷା ପାଇବା ପାଇ ସ୍ଥାନୀୟ ଲୋକଙ୍କୁ ଅସ୍ଥାୟୀ ଭାବେ ଥଇଥାନ କରାଇବା ପାଇଁ ନିର୍ମାଣ କରାଯାଇଥିବା ଏହି କୋଠା କୌଣସି କାମରେ ଲାଗୁନି। ବ୍ଲକ କର୍ତ୍ତୃପକ୍ଷଙ୍କ ଆନ୍ତରିକତାର ଅଭାବ ଯୋଗୁ ଏହା ଅଦରକାରୀ ହୋଇପଡିଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଉକ୍ତ ଆଶ୍ରୟସ୍ଥଳୀର ଠିକ୍ ଭାବେ ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ କେତେକ ଅସାମାଜିକ ବ୍ୟକ୍ତି ଏହାକୁ ଦଖଲ କରି ଏଠାରେ ମଦ୍ୟପାନ, ଗଞ୍ଜେଇ ଆଦି ନିଶା ଖାଇବା ସହ ଜୁଆଖେଳୁଥିବା ଅଭିଯୋଗ ହେଉଛି। ଫଳରେ ଏହି ଆଶ୍ରୟସ୍ଥଳୀଟି ପାନପୁଡିଆ ଛେପ ଦାଗ ସହ ଏହାର ଚାରିପଟେ ଅଳିଆ ଆବର୍ଜନା ଜମି ରହିଛି। ଏହି ବାତ୍ୟା ଆଶ୍ରୟସ୍ଥଳୀକୁ ଲାଗି ରହିଛି କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟ। ଏଠାରେ ଶତାଧିକ ଆଦିବାସୀ କିଶୋରୀମାନେ ରହି ଆସୁଛନ୍ତି। ଏହାଛଡ଼ା ପୋଲିସ ଥାନାର ପୋଲିସ ଥାନାର ଅତି ନିକଟବର୍ତ୍ତୀ ହୋଇଥିବା ସତ୍ତ୍ୱେ ଏଠାରେ ଚାଲିଥିବା ଅସାମାଜିକ କାର୍ଯ୍ୟକଳାପ ପ୍ରତି ପୋଲିସ ନଜର ପଡୁନି ବୋଲି ଲୋକେ ଅଭିଯୋଗ କରିଛନ୍ତି। କୌଣସି ସମୟରେ ଏଠାରେ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇପାରେ। ଏଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ